THE SUNDAY SECTION OF NITIDIN



ନିତିଦିନ
NITIDIN

# ନଜର

ରବିବାର ମ୍ୟାଗାଜିନ୍
ରବିବାର, ୭ ସେପ୍ଟେମ୍ବର, ୨୦୨୫

ମନୋରଞ୍ଜନ

'ଜଲ୍ସା'ର ଜଲ୍ୱା



# ଜନଜାତି ନାଚ



# ଶ୍ରୀ ରାମକୃଷ୍ଣ ଚରିତାମୃତ (୧୧)

ମନୋଜ କୁମାର ମହାପାତ୍ର

## ଜଗନ୍ମାତାଙ୍କର ପୂଜା ଉପାସନା ଓ ଦିବ୍ୟ-ଦର୍ଶନ (୩)



ସନ୍ଧ୍ୟା ଆଗମନରେ ମନ୍ଦିରର ଘଣ୍ଟାଧ୍ୱନି ହୁଏ। ଗଦାଧର ଅଧୀର ହୋଇଉଠନ୍ତି। ହୃଦୟର ପୀଡ଼ାରେ କାନ୍ଦିଉଠି କହୁଥିଲେ- ମା', ମୋର ଗୋଟିଏ ଦିନ ବ୍ୟର୍ଥ ହୋଇଗଲା। ଏହି କ୍ଷଣଭଙ୍ଗୁର ଜୀବନରେ ଗୋଟିଏ ମୂଲ୍ୟବାନ ଦିନର ଅବସାନ ଘଟିଲା। ତଥାପି ସତ୍ୟର ସନ୍ଧାନ ପାଇଲିନି କି ତୁମର ଦର୍ଶନ ମିଳିଲାନି। ତାଙ୍କର ବ୍ୟାକୁଳତା ଏପରି ପ୍ରଚଣ୍ଡ ରୂପ ଧାରଣ କଲା ଯେ ଦେବୀଙ୍କର ନିତ୍ୟ ପୂଜାକର୍ମ କରିବାକୁ ସେ ଅକ୍ଷମ ହେଲେ। ଦେବୀ ପ୍ରତୀମାଙ୍କ ସମ୍ମୁଖରେ ପ୍ରସ୍ତର ଭଳି ସେ ବସି ରହୁଥିଲେ। ଧ୍ୟାନ କରିବା ସମୟରେ ପୂଜାକୁ ଦୋହରାଉଥିଲେ। ଦେବୀଙ୍କ ମସ୍ତକରେ ଫୁଲ ରଖିବା ପରିବର୍ତ୍ତେ ନିଜ ମୁଣ୍ଡ ଉପରେ ରଖୁଥିଲେ ଏବଂ ଘଣ୍ଟା ଘଣ୍ଟା ଧରି ଏକୁଟିଆ ବସି ରହୁଥିଲେ। ଅର୍ଥାତ ମା'ଙ୍କୁ ଯେତେବେଳେ ଭୋଗ ଅର୍ପଣ କରାଯାଉଥିଲା, ମା'ଙ୍କ ଆଡ଼କୁ ଅପଲକ ଦୃଷ୍ଟିରେ ସେ ଚାହିଁ ରହୁଥିଲେ। ଭାବୁଥିଲେ ମା' ସତରେ ଭୋଗ ଗ୍ରହଣ କରୁଛନ୍ତି କି ନାହିଁ। ଲୋକମାନେ ପ୍ରଥମେ ତାଙ୍କର ଏପରି ବିଚିତ୍ର ଆଚରଣକୁ ହସରେ ଉଡ଼ାଇ ଦେଉଥିଲେ। ପରେ କିନ୍ତୁ ନିଜର ସଂକଳ୍ପମନା ଓ ଦୃଢ଼ବିଶ୍ୱାସ ଯୋଗୁ ତାଙ୍କୁ ଆଦର ଏବଂ ଶ୍ରଦ୍ଧା କରିବାକୁ ଲାଗିଲେ। ଏମିତି ବି କିଛି ଲୋକ ତାଙ୍କୁ ପାଗଳ ବୋଲି ଭାବୁଥିଲେ। କିନ୍ତୁ ମନ୍ଦିରର ପ୍ରତିଷ୍ଠାତ୍ରୀ ରାଣୀ ରାସମଣିଙ୍କର ଜାମାତା ମାଥୁରବାବୁ ଯୁବ ପୂଜାରୀଙ୍କର ଈଶ୍ୱରୋନ୍ମତା ଓ ଈଶ୍ୱରାଧନା ଭାବ ଦେଖି ଆକର୍ଷିତ ହେଉଥିଲେ। କିନ୍ତୁ ଗଦାଧର ଲୋକଙ୍କ ପ୍ରତି ଉଦାସୀନ ରହୁଥିଲେ ଓ ନିଜର ସମସ୍ତ ଶକ୍ତି ଓ ଲକ୍ଷ୍ୟକୁ ସ୍ୱ-ନିର୍ଦ୍ଧାରିତ କରୁଥିଲେ। ଶେଷରେ ତାଙ୍କର ପ୍ରାର୍ଥନା ଜଗନ୍ମାତା ଶୁଣିଲେ ଏବଂ ଜଗନ୍ମାତାଙ୍କ ଦର୍ଶନ ପାଇ ସେ କୃତାର୍ଥ ହେଲେ। ପରବର୍ତ୍ତୀ କାଳରେ ଗଦାଧର ଶିଷ୍ୟଙ୍କ ପାଖରେ ନିଜର ଅନୁଭୂତିକୁ ବର୍ଣ୍ଣନା କରି କହିଥିଲେ -

'ସେ ସମୟରେ ମା'ଙ୍କର ଦର୍ଶନ ନପାଇବାରୁ ଅସହାୟ ଯନ୍ତ୍ରଣାରେ ମୁଁ ଛଟପଟ ହେଉଥିଲି। ମୋତେ ଲାଗୁଥିଲା ସତେକି ମୋ ମୋ ହୃଦୟକୁ ଓଦା ଗାମୁଛାରେ ବାନ୍ଧି କିଏ ଚିପୁଡ଼ି ଦେଉଥିଲା। ବହୁତ ଚିନ୍ତାରେ ମୁଁ ଘରେ ରହୁଥିଲି। ସବୁବେଳେ ଦୁଃଶ୍ଚିନ୍ତା ମୋତେ ଘେରି ରହିଥିଲା। ମୋର ଆଶଙ୍କା ଥିଲା ଯେ ଏହି ଜନ୍ମରେ ମୋ ଭାଗ୍ୟରେ ମା'ଙ୍କର ଦର୍ଶନ ମିଳିବ କି ନାହିଁ। ଜୀବନ ନିରର୍ଥକ ଲାଗୁଥିଲା। ହଠାତ ମୋର ଦୃଷ୍ଟି ମା'ଙ୍କ ମନ୍ଦିରରେ ଟଙ୍ଗା ହେଇଥିବା ଖଣ୍ଡା ଉପରେ ପଡ଼ିଲା। ଜୀବନକୁ ଶେଷ କରିବା ଉଦ୍ଦେଶ୍ୟରେ ତତ୍‌କ୍ଷଣାତ ପାଗଳ ପରି ଦୌଡ଼ିଯାଇ ଖଡ୍ଗଟିକୁ ଉଠେଇ ଆଣିଲି। କିନ୍ତୁ କୃପାମୟୀ ମା' ମୋ ଆଗରେ ବିରାଜିତା ହୋଇଗଲେ। ମୁଁ ସଜ୍ଞାହୀନ ଅବସ୍ଥାରେ ଭୂମି ଉପରେ ଲୋଟି ପଡ଼ିଲି। ତା' ପରେ କ'ଣ ହେଲା, କିପରି ଦିନ ଅତିବାହିତ ହେଲା ମୁଁ କିଛି ଜାଣିପାରିନି। କିନ୍ତୁ ମୁଁ ମୋ ଭିତରେ ବିଶୁଦ୍ଧ ଆନନ୍ଦର ଅବିରତ ଲହଡି ଅନୁଭବ କରିବାକୁ ଲାଗିଲି। ଯାହା ପାଇଁ ମୁଁ ବ୍ୟାକୁଳ ହେଉଥିଲି ଏବେ ଜଗନ୍ମାତାଙ୍କର ସାକ୍ଷାତ ଉପସ୍ଥିତି ଅନୁଭବ କଲି।

ତତପଶ୍ଚାତେ, ଦିବ୍ୟଦର୍ଶନର ପୁନରାବୃତ୍ତି ପାଇଁ ମା'ଙ୍କୁ ସତବାର ପ୍ରାର୍ଥନା କରିବାକୁ ଲାଗିଲି। ଏତେ ଜୋର୍‌ରେ କାନ୍ଦୁଥିଲି ଯେ ଲୋକେ ମୋତେ ଦେଖିବାକୁ ଏକତ୍ରିତ ହେଉଥିଲେ। ଲୋକମାନଙ୍କର ଉପସ୍ଥିତି ଆଡକୁ ମୋର ନଜର ନଥିଲା। କିନ୍ତୁ କୃପାମୟୀ ମା' ମୋତେ ସର୍ବଦା ଦେଖା ଦେଉଥିଲେ। ତାଙ୍କ ସାମ୍ନାରେ ମୋର ଅନୁଭବର ବୃତ୍ତାନ୍ତ ବର୍ଣ୍ଣନା କରିବାକୁ ତିଳେମାତ୍ର ସଂକୋଚ ନଥିଲା। ମା' ବରାଭୟଦାୟିନୀ ଅନୁପମ ଜ୍ୟୋତିର୍ମୟ ରୂପରେ ମୋ ସମ୍ମୁଖରେ ଉପସ୍ଥିତ ହେଉଥିଲେ। ମୁଁ ତାଙ୍କ ସହିତ କଥାବାର୍ତ୍ତା ହେଉଥିଲି, ହସୁଥିଲି, ସେ ମୋତେ ସାନ୍ତ୍ୱନା ଦେଉଥିଲେ ଏବଂ ବିଭିନ୍ନ ପ୍ରକାରର ଉପଦେଶ ଦେଉଥିଲେ।

ଜଗଜ୍ଜନନୀ ଭବତାରିଣୀ କାଳୀଙ୍କର ଦିବ୍ୟ-ଦର୍ଶନ ଲାଭ କରିବା ପରେ, ମା'ଙ୍କ ପ୍ରତି ତାଙ୍କର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଭାବରେ ବଦଳି ଯାଇଥିଲା। ସେ ପୂରା ବାଳକଟିଏ ପରି ଶିଶୁସୁଲଭ ହୋଇଯାଉଥିଲେ। ତାଙ୍କର ଏକ ପ୍ରକାର ଦୃଢ ବିଶ୍ୱାସ ଜନ୍ମିଲା ଯେ ମା' କୌତୁକରେ ଜାଣିଶୁଣି ସ୍ୱୟଂକୁ ଲୁଚାଇ ରଖନ୍ତି ଯାହାଫଳରେ କେହି ତାଙ୍କୁ ଦର୍ଶନ କରିପାରିବେ ନାହିଁ। ଏବେ ତାଙ୍କର ଆତ୍ମସମର୍ପଣ ସମ୍ପୂର୍ଣ୍ଣ ହେଲା। ସେ ଦିନରାତି ପ୍ରାର୍ଥନା କରୁଥିଲେ- 'ମା' ମୁଁ ତୋର ଶରଣାଗତ, ତୁମେ ହିଁ ମୋତେ ଯାହା ଶିକ୍ଷା ଦେବ ମୁଁ ତାହା ହିଁ କରିବି। ମୋତେ କିଛି ଜଣାନାହିଁ। ସବୁକିଛି ତୋର ଇଚ୍ଛା, ତୁମେ ସର୍ବବ୍ୟାପି ଓ ମୋର ଆତ୍ମଗର୍ବକୁ ତୁମ ଇଚ୍ଛାରେ ବିଲୀନ କରିଦିଅ ଓ ମୋତେ ନିଜର କରିନେ।' ଯେମିତି ଯେମିତି ତାଙ୍କର ଅନୁଭୂତି ତୀବ୍ରତର ହେଉଥିଲା, ମା'ଙ୍କର ଦର୍ଶନ ତେଜୋମୟ ହୋଇଉଠିଲା। କାଳୀଙ୍କର ପ୍ରତିମା ପ୍ରସ୍ତର ମୂର୍ତ୍ତିକୁ ଚେତନାମୟ ଅନୁଭବ କରିବାକୁ ଲାଗିଲେ। ଗଭୀର ଭକ୍ତି ତାଙ୍କ ଭିତରେ ଉତ୍ତାଳ ତରଙ୍ଗ ଜାତକଲା। ତାଙ୍କର ଭକ୍ତିପୂର୍ଣ୍ଣ ମନ ଓ ଚେତନାରେ କାଳୀଙ୍କର ପ୍ରତିମା ଅଦୃଶ୍ୟ ହୋଇ, ସେହି ସ୍ଥାନରେ ଜୀବନ୍ତ କାଳୀ ଉଦ୍‌ଭାସିତ ହେଲେ। ସତେକି ସେ ତାଙ୍କ ପାଖରେ ସଦା ବିରାଜିତ!!! (କ୍ରମଶଃ) **ଫୋନ୍-୯୯୩୭୨୯୭୦୩୯**

# ଗୁରୁ ଦିବସ ଓ ଭାରତୀୟ ଗୁରୁ ଶିଷ୍ୟ ପରମ୍ପରା

ଜ୍ଞାନପ୍ରାପ୍ତି ନିମନ୍ତେ ଶିଷ୍ୟମାନେ ଗୁରୁକୁଳରେ ରହି ପାଠ ପଢୁଥିଲେ ପ୍ରାଚୀନ କାଳରେ। ଶିକ୍ଷାଦାନ କରିବା ଗୁରୁଙ୍କର ମୁଖ୍ୟ କାର୍ଯ୍ୟ ଥିଲା। ସେ ଯୁଗର ଗୁରୁମାନେ ଅର୍ଥ ପାଇଁ ନୁହେଁ ବରଂ ଶିକ୍ଷାଦାନ ଦ୍ୱାରା ଏକ ସାମାଜିକ ଦାୟିତ୍ୱ ତୁଲାଉଥିଲେ । ଶିଷ୍ୟମାନେ ଗଭୀର ଭକ୍ତି ଏବଂ ମନଯୋଗ ସହ ଶିକ୍ଷାଲାଭ କରୁଥିଲେ। ଖ୍ରୀଷ୍ଟପୂର୍ବ ୨୦୦୦ରେ ଭାରତରେ ଗୁରୁକୁଳ ଶିକ୍ଷା ପ୍ରଚଳିତ ଥିଲା । ଗୁରୁମାନେ ଶିକ୍ଷା ଦେଉଥିଲେ ତୁଣ୍ଡରେ। ଶିଷ୍ୟମାନେ ଶୁଣି ଶୁଣି ମନେରଖୁଥିଲେ ତାକୁ। 'ଉପନିଷଦ୍' ଶବ୍ଦଟି 'ଉପ', 'ନି' ଏବଂ 'ସଦ' ଶବ୍ଦର ସମାହାର ଯାହାର ଅର୍ଥ ହେଲା ନିକଟରେ ବସିବା। ଅର୍ଥାତ୍ ଗୁରୁକୁଳରେ ଗୁରୁଙ୍କ ସମୀପରେ ବସିରହି ଶିଷ୍ୟମାନେ ଶୁଣୁଥିଲେ ତାଙ୍କର ତୁଣ୍ଡରୁ ଶାସ୍ତ୍ର ବୋଧଗମ୍ୟ ଭାଷାରେ। ଅତ୍ୟନ୍ତ ପବିତ୍ର ପରିବେଶରେ କିଛି ପାଇବାର ଆଶା ନରଖି ଶିକ୍ଷାଦାନ କରୁଥିଲେ ସେମାନେ। ଦକ୍ଷିଣା ଦାବି କରିବା ଗୁରୁଙ୍କର ଅଧିକାର ଥିଲେ ହେଁ କୌଣସି ଗୁରୁ ସେଭଳି କିଛି ଦାବି କରୁଥିବା ଜଣାଯାଏ ନାହିଁ। ଏହାଥିଲା ପ୍ରତୀକାତ୍ମକ। ଫଳଟାଏ ଭଳି ସାଧାରଣ ତୁଚ୍ଛ ଜିନିଷ ମାତ୍ର ସେମାନେ ମାଗୁଥିଲେ ଦକ୍ଷିଣା ବାବଦକୁ। ଏଭଳି ପବିତ୍ର ଗୁରୁକୁଳ ପରମ୍ପରା ବହୁ କାଳ ପର୍ଯ୍ୟନ୍ତ ପ୍ରଚଳିତ ଥିଲା ଭାରତବର୍ଷରେ।

ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମ ଦିବସକୁ ଭାରତରେ ଗୁରୁ ଦିବସ ଭାବେ ପାଳନ କରାଯାଉଛି। ଏକାଧାରରେ ସେ ଥିଲେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ ଓ କୂଟନୀତିଜ୍ଞ । ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖ୍‌ରେ ତାମିଲନାଡୁର ତିରୁଟ୍ଟନୀରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଶୈଶବ ତିରୁଟ୍ଟନୀ ଓ



ତିରୁପତିରେ କଟିଥିଲା। ଉଚ୍ଚଶିକ୍ଷା ପରେ ୧୯୦୯ରେ ତାଙ୍କୁ ମାଡ୍ରାସ ପ୍ରେସିଡେନ୍‌ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା। ଏହା ପରଠାରୁ ସେ ମୁଖ୍ୟତଃ ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ଅଧ୍ୟୟନରେ ନିଜକୁ ନିୟୋଜିତ ରଖିଥିଲେ। ୧୯୧୮ରେ ସେ ମୈସୁର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ। ତାହାପରେ କାଲାକାତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟ, ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସପୋର୍ଡ଼ ବିଶ୍ୱବିଦ୍ୟାଳୟ। ଶିକ୍ଷକ ଜୀବନରେ ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନ, ତୁଳନାତ୍ମକ ଧର୍ମଦର୍ଶନ ଓ ନୀତିଶାସ୍ତ୍ର ଆଦିରେ ଶିକ୍ଷାଦାନ କରି ବିଦ୍ୟାର୍ଥୀମାନଙ୍କର ବିଶେଷ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ଏକଦା ବିଦ୍ୟାର୍ଥୀମାନେ ତାଙ୍କ ଜନ୍ମ ଦିନ ପାଳନ କରିବାକୁ ଅନୁରୋଧ କରିବାରୁ, ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ଭାବେ ପାଳନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଦେଶରେ ବେଶ୍ କିଛି ବର୍ଷ ଶିକ୍ଷାଦାନ ପରେ ସେ ଭାରତ ଫେରି ୧୯୩୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପାଇଥିଲେ। ୧୯୪୯ରେ ସେ ସୋଭିଏତ୍ ରସିଆକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ। ୧୯୫୨ରେ ପ୍ରଥମ ଉପରାଷ୍ଟ୍ରପତି ଏବଂ ୧୯୬୨ରେ ସର୍ବସମ୍ମତିକ୍ରମେ ସେ ହୋଇଥିଲେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି। ୧୯୫୪ରେ ତାଙ୍କୁ ପ୍ରଦାନ କରାଯାଇଥିଲା ସମ୍ମାନଜନକ ଭାରତ ରତ୍ନ।

ସଞ୍ଜ ନଇଲେ ସହର ଅସଂଯତ ହୁଏ । ଆଦିବାସୀ ପଲ୍ଲୀ କିନ୍ତୁ ମୁଖରିତ ହୁଏ । ଧାଙ୍ଗଡା ନିଜର ବାଦ୍ୟ ଯନ୍ତ୍ରକୁ ସଜାଏ । ପାଳ ନିଆଁରେ ଢାଂପକୁ ସେକେ । ନାଦକୁ ପରଖେ । ଆଉ ଏଇ ସଜବାଜ ହେଲାବେଳକୁ ଧାଙ୍ଗିଡି ନିଜକୁ ସଜଇଦେଇଥାଏ । ତେଲରେ ଛାପି ହୋଇଥିବା ମୁଣ୍ଡର ବାଳରେ ଧାଡି ଧାଡି ହୋଇ ଲଗାଏ ବାଳଛପା । ସେଥିରେ ହାଟରୁ କିଣିଥିବା ରଂଗୀନ ରିବନ, ପ୍ଲାଷ୍ଟିକ ଫୁଲକୁ ଲଗାଏ । ଡକାଡକି ହୋଇ ସଦର ଦାଣ୍ଡରେ ରୁଣ୍ଡ ହୋଇଯାନ୍ତି । ଦିନତମାମର ପରିଶ୍ରମ କୁଆଡେ ହଜିଯାଏ । ବାଜା ବାଜେ । ଧାଙ୍ଗିଡିର ପାଦ ନାଚି ଉଠେ । ତାପରେ ଗାଁ ଦାଣ୍ଡ ଦୁଲୁକି ଯାଏ ।

ଡ. ଦ୍ୱିତୀ ଚନ୍ଦ୍ର ସାହୁ

# ଜନଜାତି ନାଚ



ଜନଜାତି ଗାଁରେ ରାତି ରାତି ଏମିତି କିଛି ଚାଲେ । ବର୍ଷ ବର୍ଷ ଧରି ଏମିତି ସେ ଜୀବନକୁ ଜିଇଁଛି । ସେ ନୃତ୍ୟର ଧାରା ତାର ଏକାନ୍ତ ଆତ୍ମିକ । ବାଜା ବାଜିଲେ ଆପେ ଆପେ ଗୋଡ ଉଠିଯାଏ । ଏକ ଲୟ ଓ ତାଳରେ ନାଚ ଆରମ୍ଭ ହୁଏ । ପୁରୁଷ ବାଦ୍ୟ ବଜାଏ ଏବଂ ସ୍ତ୍ରୀ ଲୋକମାନେ ନାଚନ୍ତି ଓ ଗାଆନ୍ତି । ଗୀତ ପୁଣି ତତ୍କାଳ ରଚନା ହୁଏ ତୁଣ୍ଡରେ ତୁଣ୍ଡରେ । କେବେ କେବେ ପୁରୁଷ ଗୀତରେ ତାକୁ ଜବାବ ଫେରାଏ । ସ୍ତ୍ରୀ ଲୋକମାନେ ଗୀତରେ ମଜାଇ ଦିଅନ୍ତି, ତତାଇ ଦିଅନ୍ତି । ପୁଣି ତାସ୍ଵଲ୍ୟ ବି କରନ୍ତି । ରଙ୍ଗରସ ଭିତରେ ବିଳମ୍ବିତ ରାତି ଯାଏ ନାଚଗୀତ ଚାଲେ । ଜନଜାତି ନୃତ୍ୟ ଗୁରୁ ଦ୍ୱାରା ଶିଖା ଯାଏନି । ବରଂ ସେମାନେ ସେଇ ଅଞ୍ଚଳର ପ୍ରାକୃତିକ ପରିବେଶ ତଥା ସେଥିର ବିଭିନ୍ନ ଉପାଦାନର ଗତି, ବିଭିନ୍ନ ପଶୁପକ୍ଷୀଙ୍କ ଚାଲି, ଦୈନନ୍ଦିନ ଜୀବନଚର୍ଯ୍ୟାରେ କରୁଥିବା କ୍ରିୟାକଳାପ ଆଦିକୁ ନେଇ ନୃତ୍ୟ ରୂପ ଦେଇଥାନ୍ତି । ଆମ ଅବିଭକ୍ତ କୋରାପୁଟ ଜିଲ୍ଲାର କିଛି ଜନଜାତି ନାଚ ସଂପର୍କ ଡ.ଦ୍ୱିତୀଚନ୍ଦ୍ର ସାହୁଙ୍କ ଗବେଷଣାତ୍ମକ ପ୍ରତିବେଦନ ।



## ସଉରା ନାଚ :

ସଉରା ଏକ ବୃହତ ଜନଜାତି ଗୋଷ୍ଠୀ । ସଉରାମାନେ ମୁଖ୍ୟତଃ ସମେବତ ନୃତ୍ୟ ପରିବେଷଣ କରନ୍ତି । ସେମାନଙ୍କର ଲୋକଗୀତ ଖୁବ ଶ୍ରୁତିମଧୁର । ଏଇ ଲୋକଗୀତରେ ପ୍ରଚୁର ହାସ୍ୟରସ ସହ କାଳ୍ପନିକ କଥାବସ୍ତୁ ସ୍ଥାନିତ ହୋଇଥାଏ । ତତ୍କାଳ ଏଇ ଗୀତ ରଚନା ହୁଏ ଓ ପରିବେଷଣ ହୁଏ । ସଉରା ଯୁବକଯୁବତୀ ଦୁଇ ଧାଡିରେ ଉଭା ହୋଇ ନୃତ୍ୟ ପରିବେଷଣ କରନ୍ତି । ନୃତ୍ୟବେଳେ ପୁରୁଷମାନେ ଢାଂପ, ଡୁଡୁମ, ବାଂଶ ବାଦ୍ୟ, ମହୁରୀ, ସାରିଙ୍ଗି ଭଳି ବାଦ୍ୟଯନ୍ତ୍ରକୁ ବ୍ୟବହାର କରନ୍ତି । ନୃତ୍ୟ କଲାବେଳେ ପୁରୁଷ ଓ ମହିଳା ପରସ୍ପର ନିଜ ଆଡକୁ ଆଗେଇ ଆସନ୍ତି ଓ ତାଳ ସହ ପୁଣି ପଛକୁ ଫେରନ୍ତି । ରଂଗୀନ ପୋଷାକ ଭିତରେ ଉଭୟ ପୁରୁଷ ଓ ମହିଳା ଝଟକୁଥାନ୍ତି । ପୁରୁଷମାନେ ମୁଣ୍ଡରେ ସୂତା କିମ୍ବା ସିଲ୍କର ଟୋପି ଅଥବା ପଗଡି ପିନ୍ଧିଥାନ୍ତି । ଛାତିରେ ନାଲି କପଡା ପରସ୍ପର ଛନ୍ଦି ହୋଇ ଗୁଡେଇ ହୋଇଥାନ୍ତି । ପୁରୁଷମାନେ ହାତରେ ଖଣ୍ଡା, ବର୍ଛା, ଟାଂଗି, ଧନୁତୀର, ଛତା, ବାଡି ଆଦି ଧରି ଉଲ୍ଲସିତ ଭାବେ ଡେଇଁ ଡେଇଁ ନାଚିଥାନ୍ତି । ସ୍ତ୍ରୀ ଲୋକାମାନେ ମୁଣ୍ଡରେ କୁକୁଡା ପର ଖୋଷିଥାନ୍ତି । ହାତରେ ମୟୁର ପୁଚ୍ଛ ଧରି ନୃତ୍ୟ କରନ୍ତି । କେବେକେବେ କିଛି ପୁରୁଷମାନେ ବାଦ୍ୟ ବଜାନ୍ତି । ଅବଶିଷ୍ଟ ଆବାଳବୃଦ୍ଧବନିତା ମିଶି ନାଚନ୍ତି । ସମୟେ ସମୟେ ବାଦ୍ୟକାର ବାଦ୍ୟ ବଜାଇ ଗଲାବେଳେ ତାର ପଥ ଅନୁସରି ମହିଳାମାନେ ଆଗକୁ ଆଗକୁ ନାଚି ନାଚି ଗତି କରନ୍ତି । ପ୍ରଥମେ ଗୀତ ଗାଇଲା ପରେ ବାକି ପାଳି ଧରନ୍ତି । ତା'ପରେ ବାଜାର ତାଳେ ତାଳେ ନାଚନ୍ତି । ନାଚବେଳେ ସୁସୁକାରୀ ସହ ଗିଜା ଗିଜା ଭଳି ଅନେକ ମତାଣିଆ ଶବ୍ଦ କରନ୍ତି । ଅନେକ ସମୟରେ ନୃତ୍ୟ ଓ ଗୀତ ଅଲଗା ଅଲଗା ହୁଏ । କେବଳ ବାଜାର ନାଦ ଅନୁସାରେ ପୁରୁଷ ଓ ମହିଳା ନାଚିଥାନ୍ତି । ବିଭିନ୍ନ ଉତ୍ସବ, ପର୍ବପର୍ବାଣୀ, ବେଣ୍ଟ ପର୍ବ, କାର୍ଯ୍ୟ ପର୍ବ ତଥା ବାହାଘରବେଳେ ନୃତ୍ୟଗୀତର ଆସର ବେଶ ଜମେ ।

## ଲାଞ୍ଜିଆ ସଉରାନାଚ:

ସଉରା ଜନଜାତି ମଧ୍ୟରେ ଅନ୍ୟତମ ବିରଳ ଜନଜାତି ଗୋଷ୍ଠୀ ହେଲା ଲାଞ୍ଜିଆ ସଉରା । ଲାଞ୍ଜ ଭଳି ପୋଷାକ ପିନ୍ଧିବା ସହ ପାହାଡ ଉପରେ ରହୁଥିବାରୁ ଏମାନଙ୍କୁ ଲାଞ୍ଜିଆ ବୋଲି କୁହାଯାଏ । ଲାଞ୍ଜିଆ ସଉରା ନୃତ୍ୟ ସଉରା ନୃତ୍ୟଠାରୁ ଅଲଗା । ଗୁଆର (ଶୁଦ୍ଧ କର୍ମ), କାର୍ଯ୍ୟ (ସାମୂହିକ ଶ୍ରାଦ୍ଧ କର୍ମ) ଓ ବେଣ୍ଟ ପର୍ବ ବେଳେ ଲାଞ୍ଜିଆମାନେ ନୃତ୍ୟ କରୁଥିବାବେଳେ ଅବସର ସମୟରେ ମଧ୍ୟ ମଦ୍ୟପାନପୂର୍ବକ ମଜାମଜଲିସରେ ମାତିଯାନ୍ତି ନାଚଗୀତରେ । ସ୍ତ୍ରୀମାନେ ଧଳା ଲୁଗାରେ ନିଜକୁ ଗୁଡେଇ ହୋଇଥିଲାବେଳେ ଦେହରେ ଖଗଲା( ରସର ସରୁ ବଳା) , ବଣପାହାଡରୁ ସଂଗୃହିତ ନାଲି, ହଳଦିଆ ମାଳି, ବିଭିନ୍ନ ରଂଗର ପଥରର ମାଳି ସହ ରୂପା ଓ ପଇସାରେ ସଜ୍ଜିତ ମାଳିରେ ନିଜକୁ ସଜେଇ ହୋଇଥାନ୍ତି । କାନରେ ନିମ୍ବ କାଠର ବଡ ବଡ ଗୋଲେଇ ଲଗେଇଥାନ୍ତି । ଅନେକ ଝୁମୁକା ବି ଲଗେଇଥାନ୍ତି । ପୁରୁଷମାନେ ନିଜଦ୍ୱାରା ପ୍ରସ୍ତୁତ ଅଳ୍ପ ଓସାରର ସ୍ୱତନ୍ତ୍ର ବସ୍ତ୍ରକୁ ପରିଧାନ କରନ୍ତି । ତାହା ଉଭୟ ଆଗପଛରେ ଲାଞ୍ଜ ଭଳି ଓହଳିଥାଏ । ମୁଣ୍ଡରେ ଧଳା ବସ୍ତ୍ରର ପଗଡି ଏବଂ ସେଥିରେ ସାରସ ପକ୍ଷୀର ଧଳାପରକୁ ଲଗେଇଥାନ୍ତି । ନୃତ୍ୟବେଳେ ପୁରୁଷମାନେ ପିତ୍ତଳ କଂସା, ଶିଂଘା, ଟମକ, ଢାଂପ, ମହୁରୀ, ବାଂଶ ବାଦ୍ୟ ବ୍ୟବହାର କରନ୍ତି । ପିତ୍ତଳ କଂସାକୁ ବାଡିରେ ଆଘାତ କରି ଏକ ଭିନ୍ନ ନାଦ ପ୍ରସ୍ତୁତ କରନ୍ତି । ସ୍ତ୍ରୀମାନେ ହାତରେ ମୟୂର ପୁଚ୍ଛ ଧରି ନାଚନ୍ତି । ପୁରୁଷମାନେ ମଝିରେ ରହି ବାଦ୍ୟ ବଜାନ୍ତି । ସମସ୍ତ ବାଦ୍ୟର ମିଶ୍ରିତ ରାଗରେ ଅପୂର୍ବ ଧ୍ୱନି ସୃଷ୍ଟି ହୁଏ । ଆଉ କିଛି ପୁରୁଷ ହାତରେ ଖଣ୍ଡା, ଟାଙ୍ଗୀ, ଧନୁତୀର, ବାଉଁଶ ଧରି ବାଦ୍ୟର ତାଳେ ତାଳେ ଅନିୟନ୍ତ୍ରିତ ଭାବେ ଘୁରି ଘୁରି ନାଚନ୍ତି । ମହିଳାମାନେ ସେମାନଙ୍କ ଚାରିପଟେ ଗୋଲାକାର ହୋଇ ନାଚିଥାନ୍ତି । ସମୟେ ସମୟେ ଏଇ ଧାରାକୁ ଭାଂଗି ଯୋଡି ଯୋଡି ମହିଳା ହାତକୁ ହାତ ଛନ୍ଦି ନାଚିଥାନ୍ତି । ପୁରୁଷ ଲୋକଙ୍କ ବିଭିନ୍ନ ଶବ୍ଦ ଓ ସୁସୁକାରୀର ଶବ୍ଦର କୋଳାହଳରେ ଡେଇଁ ଡେଇଁ ନାଚନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ନାଦରେ ସେମାନେ ନାଚିଥାନ୍ତି । ତେବେ ସିଂଘାର ଶବ୍ଦ ବାଜିବା ପରେ ହିଁ ଅନ୍ୟ ବାଦ୍ୟ ଯନ୍ତ୍ର ପରିଚାଳନା ହୋଇଥାଏ । ଚୈତ୍ର ମାସରେ ଶୀକାର କରି ଫେରିବା ପରେ ଗାଁରେ ଉତ୍ସବମୁଖର ଲାଞ୍ଜିଆ ଉନ୍ମାଦ ହୋଇ ନୃତ୍ୟ କରନ୍ତି ।





## କନ୍ଧ ନୃତ୍ୟ :

ଓଡିଶାର ଅନ୍ୟତମ ବଡ ଗୋଷ୍ଠୀର ଜନଜାତି ହେଲା କନ୍ଧ । ଅବିଭକ୍ତ କୋରାପୁଟ ଓ କନ୍ଧମାଳରେ ବହୁଳ ଭାବରେ ବସବାସ କରନ୍ତି । କନ୍ଧ ଜନଜାତିରେ ଧାଙ୍ଗଡା ଧାଙ୍ଗିଡି ନୃତ୍ୟରେ ବେଶ ମାଦକତା ରହିଛି । ବିବହଯୋଗ୍ୟ ଯୁବକଯୁବତୀଙ୍କୁ ନେଇ ମୁଖ୍ୟତଃ ଏଇ ନାଚ ହୋଇଥାଏ । ପର୍ବପର୍ବାଣୀ, ବିବାହଆଦି ଉତ୍ସବରେ ଏଇ ନୃତ୍ୟ ହୁଏ । ମେରିଆ ପର୍ବବେଳେ ଶିଂଘ ନାଚ ହୁଏ । ଧାଙ୍ଗଡା ଧାଙ୍ଗିଡିମାନେ ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଗଲାବେଳେ ରାସ୍ତାରେ ଗୀତ ଗାଇ ଗାଇ ଯାଇଥାନ୍ତି । ମନୋରଞ୍ଜନ ଉଦ୍ଦେଶ୍ୟରେ କନ୍ଧ ନାଚ ଅଭିପ୍ରେତ । ଯୁବକମାନେ ଖଞ୍ଜର ଓ ବଂଶୀ ଧରି ବାଦ୍ୟ ପରିଚାଳନା କରନ୍ତି । ଧାଙ୍ଗିଡିମାନେ ହାତକୁ ଅଣ୍ଟାର ପଛ ଭାଗରେ ପରସ୍ପରକୁ ଛନ୍ଦି ସାମ୍ନାରେ ନୃତ୍ୟ କରିଥାନ୍ତି । ଧାଙ୍ଗିଡିମାନେ ଏହି ମୁଦ୍ରାରେ ଆଗପଛ କିମ୍ବା ପାର୍ଶ୍ୱକୁ ମୁହାଁଇ ଏକା ଲୟରେ ପାଦ ପକାଇ ନାଚିଥାନ୍ତି । ବିବାହ କାର୍ଯ୍ୟରେ ଭୋଜିଭାତ ସରିଗଲେ ବିଭିନ୍ନ ଗ୍ରାମରୁ ଆସିଥିବା ଧାଙ୍ଗଡା ଧାଙ୍ଗିଡିମାନେ ଏକତ୍ର ହୋଇ ପ୍ରତିଯୋଗିତାମୂଳକ ମନୋଭାବରେ ବାଦ୍ୟର ତାଳେ ତାଳେ ନାଚିଥାନ୍ତି ଓ ଗୀତରେ ଗୀତରେ ମନକଥା କହିଥାନ୍ତି । ଏଇକ୍ରମରେ ପ୍ରେମ ଦିଆନିଆ ହୁଏ ବୋଲି କନ୍ଧ ସଂପ୍ରଦାୟରେ ଏକ ଅଲିଖିତ ବିଧି ରହିଛି । ଅଧିକାଂଶ ସମୟରେ ଗାଁର ଅନୁସୂଚିତ ଜାତି ବର୍ଗର ଲୋକେ ବାଦ୍ୟ ଓ ମହୁରୀ ବଜାଇ ଏଇ ନୃତ୍ୟରେ ସହଭାଗିତା ହୋଇଥାନ୍ତି । ଅନେକସ୍ଥାନରେ ଏଇ ବାଦ୍ୟକୁ ନିଜେ ବି ବଜାଇବା ଦେଖିବାକୁ ମିଳେ । କିନ୍ତୁ କନ୍ଧ ସଂପ୍ରଦାୟର ଯୁବକମାନେ ହାତରେ ଖଞ୍ଜର/ଖଞ୍ଜିଣି ଧରି ଗୀତ ଗାଇ ନାଚିଥାନ୍ତି । ମିତ୍ରାକ୍ଷରୀ ଛନ୍ଦରେ ଗୀତ ବୋଲାଯାଏ । ତାଳ ପଡେ । ନାଚ ହୁଏ । ଗୀତରେ ଅଶ୍ଳୀଳତା ନଥାଏ । ସକାଳ ପାହିବା ଯାଏ ଏମିତି ନାଚ ଚାଲିଥାଏ । ଧାଙ୍ଗିଡ଼ି ବସାରେ ଏଇ ନୃତ୍ୟଗୀତର ଆସର ବେଶୀ ଦେଖାଯାଏ । ପୋଢ ଯାତ୍ରାବେଳେ ଧାଙ୍ଗଡା ଧାଙ୍ଗିଡି ନାଚ ହୁଏନି । ପାରମ୍ପାରିକ ଶିଙ୍ଘ ନାଚ ବା ଏନ୍ଦା କ୍ରାହା ନାଚ ହୁଏ । ବାଜା ବାଜେ । ମଦରେ ମତୁଆଲା କନ୍ଧ ପୁରୁଷମାନେ ଟାଙ୍ଗିଆ, ବର୍ଛା ଧରି ନାଚନ୍ତି । ପୁରୁଷମାନେ ଟାଙ୍ଗିଆର ଲୁହା ଅଂଶରେ ଏକ କାଠି ସହାୟତାରେ ସମତାଳରେ ବାଜା ବଜାଇ ଗାଁ ସାରା ଖେଦି ବୁଲନ୍ତି ।

## ଡଙ୍ଗରିଆ କନ୍ଧ:

ବିରଳ ଜନଜାତି ବର୍ଗର କନ୍ଧ ଜନଜାତିର ଅନ୍ୟ ଏକ ଗୋଷ୍ଠୀ ହେଲା ଡଙ୍ଗରିଆ କନ୍ଧ । ରାୟଗଡା ଓ କଳାହାଣ୍ଡି ଜିଲ୍ଲାର ନିୟମଗିରି ପର୍ବତମାଳାରେ ଏମାନେ ରହୁଥିବାରୁ ଡଙ୍ଗରିଆ ବୋଲି କୁହାଯାଏ । ବେଶଭୂଷା ଦୃଷ୍ଟିରୁ ଏମାନେ ଅଲଗା ବାରି ହୁଅନ୍ତି । ଡଙ୍ଗରିଆ କନ୍ଧ ସଂପ୍ରଦାୟରେ ଦୁଇ ପ୍ରକାର ନାଚ ଦେଖିବାକୁ ମିଳେ । ପ୍ରଥମ ହେଲା ଧାଙ୍ଗଡା ଧାଙ୍ଗିଡି ନାଚ ଓ ଅନ୍ୟଟି ହେଲା ବେଜୁଣୀ ନାଚ । ବାଲିଯାତ୍ରା, ବହଲଣି, କଡୁ ପର୍ବ ଭଳି ବିଭିନ୍ନ ପର୍ବରେ ଢାପ, ଟମକ, ମହୁରୀର ତାଳେ ତାଳେ ଏକାଧିକ ବେଜୁଣୀ ଝାଙ୍କରୀ ପୀଠରେ ବାଳ ମେଖଳା କରି ନାଚିଥାନ୍ତି । ଝୁଣା ଖାଇ ମଝିରେ ମଝିରେ ଅଟକି ଭିନ୍ନ ଭିନ୍ନ ନାଦରେ ବାଜା ବଜାଇବାକୁ ଆଦେଶ ଦିଅନ୍ତି । ଆଦେଶ ଅନୁରୂପ ବାଜା ବାଜିଲେ ପୁଣି ନୃତ୍ୟ କରନ୍ତି । ଧାଙ୍ଗଡା ଧାଙ୍ଗିଡି ନୃତ୍ୟ କନ୍ଧ ସଂପ୍ରଦାୟ ଅନୁରୂପ ହୁଏ । ଏଥିରେ ଚାରି ପୁଅ ଆଠ ଝିଅର ଦଳ ନାଚନ୍ତି । ପୁଅ ଦୁଇ ଜଣ ଆଗ ପଛ ହୋଇ ହାତରେ ସାନ ଢାପୁ ଧରି ଡାହାଣ ହାତରେ ବାଡି ଧରି ନିର୍ଦ୍ଦିଷ୍ଟ ତାଳରେ ବାଦ୍ୟ ବଜାଇଥାନ୍ତି । ମଝିରେ ଡଙ୍ଗରିଆ ଯୁବତୀ ପାରମ୍ପାରିକ ଧଳା ଲୁଗା ସହ ବେକରେ ଏକାଧିକ ଭିନ୍ନ ଭିନ୍ନ ଗୋଲେଇର ଖଗଲା ପକାଇଥାନ୍ତି । ତାରି ଉପରେ ନାଲି, ହଳଦିଆ, ସବୁଜ ରଂଗର ସରୁ ମାଳିରେ ତିଆରି ମେକୁଡିକାର ଲମ୍ବା ମାଳ ପକାଇଥାନ୍ତି । ନିଜ ହାତରେ ବୁଣିଥିବା ଡଂଗରିଆଙ୍କ ପାରମ୍ପାରିକ ଚଦର କାପଡାଗୁନ୍ଦାକୁ ଘୋଡେଇ ଡାହାଣ ପାଦକୁ ଆଗକୁ ପକାଇ ନାଚ ଆରମ୍ଭ କରନ୍ତି । ନାଚିଲାବେଳେ ସମସ୍ୱରରେ ଯୁବତୀମାନେ ଗୀତ ଗାଇଥାନ୍ତି । ସେମାନେ ଏପାଖସେପାଖ ହୋଇ ଘୁରି ବୁଲି ନାଚ କରନ୍ତି । ସବା ଆଗରେ ଥିବା ଯୁବତୀ ହାତରେ କାଠରେ ତିଆରି ସ୍ୱତନ୍ତ୍ର ବାଦ୍ୟଯନ୍ତ୍ର ଝାଙ୍ଗିଂଗା ଧରି ଗୀତ ଗାଇ ନାଚିଥାଏ । ପୁରୁଷମାନେ ବି ନିଜ କାନ୍ଧରେ କାପଡାଗୁନ୍ଦା ଚଦର ପକାଇବା ସହ ଟାଙ୍ଗି ପକାଇ ନାଚିଥାନ୍ତି । କେବେକେବେ ପୁରୁଷମାନେ ବି



ଅନ୍ୟ ଏକ ଧାଡି ବାନ୍ଧି ଝିଅପୁଅ ମୁହାଁମୁହିଁ ହୋଇ ନାଚିଥାନ୍ତି ।

## ପରଜା ନାଚ:

ରାୟଗଡା ଓ କୋରାପୁଟ ଜିଲ୍ଲାର ଆଉ ଏକ ଜନଜାତି ହେଲା ପରଜା । ପରଜା ଓ ପେଙ୍ଗ ପରଜାଙ୍କ ପାରମ୍ପାରିକ ନୃତ୍ୟ ରିଙ୍ଗୋଡି ବେଶ ମନ୍ତ୍ରମୁଗ୍ଧ । ପୁରୁଷଙ୍କୁ ରିଙ୍ଗୋଡା ଓ ମହିଳାଙ୍କୁ ରିଙ୍ଗୋଡି ବୋଲି ସମ୍ବୋଧନ କରାଯାଏ । ବାଦ୍ୟଯନ୍ତ୍ରର ନାଦ, ଗୀତ ଓ ନୃତ୍ୟରେ ଯେ କେହି ମୋହଗ୍ରସ୍ତ ହୋଇପଡନ୍ତି । ଏହା ଏକ ସ୍ୱତନ୍ତ୍ର ଶୈଳୀର ନୃତ୍ୟ ଅଟେ । ସ୍ତ୍ରୀ ଲୋକମାନେ ନାକପୁଡା ଓ ନାକ ମଝିରେ ତିନି ଗୋଟି ଫାଶିଆ ଲଗେଇଥାନ୍ତି । ମୁଣ୍ଡର ପଛପଟେ ଏକ ସ୍ୱତନ୍ତ୍ର ଧରଣର ଖୋସା ବାନ୍ଧି ଫୁଲ କିମ୍ବା ରିବନର ଫୁଲ ପିନ୍ଧିଥାନ୍ତି । ବାଳର ଆଗରୁ ପଛଯାଏଁ ଉଭୟ ଭାଗରେ ବାଳଛପାକୁ ସୁନ୍ଦରଭାବେ ସଜେଇ ଲଗେଇଥାନ୍ତି । ଡାହଣପଟ କାନ୍ଧ ଉପରେ ଶାଢୀର ଗଣ୍ଠି ପକାଇ ଶାଢୀକୁ ଆଣ୍ଠୁରୁ ଉପରକୁ ପିନ୍ଧିଥାନ୍ତି । ତାସହ ଆଉ ଏକ ଗାମୁଛା ବେକରେ ପକାଇଥାନ୍ତି । ପୁରୁଷମାନେ ଢୁଙ୍ଗଢୁଙ୍ଗା,



ଗିନି, ମୃଦଙ୍ଗ, ବଇଁଶୀ ଆଦି ଭିନ୍ନ ଭିନ୍ନ ତାଳରେ ବଜାଇଥାନ୍ତି । ଏଇ ତାଳ ଅନୁସାରେ ଯୁବତୀମାନେ ଧାଡି ବାନ୍ଧି ଅଣ୍ଟାକୁ ନୁଆଁଇ ଆଗପଛ, ଏକଡସେକଡ ହୋଇ ନାଚନ୍ତି । ନାଚବେଳେ ଧାଡିର ରୂପ ବଦଳି ଯାଇଥାଏ । କେତେବେଳେ ଗୋଲାକାର, ପୁଣି ଅର୍ଦ୍ଧାକାର, ସର୍ପିଳ ଆକାରରେ ନାଚିଥାନ୍ତି । ଆଗପଛର ଯୁବତୀଙ୍କ ହାତରେ ମୟୂର ପୁଚ୍ଛ ଥାଏ । ଏହି ଦୁଇ ଜଣ ନୃତ୍ୟକୁ ବିଭିନ୍ନ ରୂପ ଦେଇଥାନ୍ତି । ହାତକୁ ହାତ ଭିଡି, ଅଣ୍ଟାକୁ ଅଣ୍ଟା ଛନ୍ଦି ଏଇ ନୃତ୍ୟର ମସଗୁଲ ହୋଇଯାନ୍ତି ଯୁବତୀ । ନାଚରେ ପାଦପାତ ଧୀର ହୁଏ ପୁଣି ଦ୍ରୁତ ହୋଇପାରେ ।ନୃତ୍ୟବେଳେ ସାଇଲୋଡି, ଲୋରି, ଚଇତି, ପାଦର ଗୀତ, ଚାନ୍ଦୀ, କନ୍ଦରରୀ ଗୀତ ଆଦି ମିଳିତ କଣ୍ଠରେ ଗାଇଥାନ୍ତି । ଏହା ଏକ ପ୍ରେମରୂପକ ନୃତ୍ୟ ହୋଇଥିବାବେଳେ ବିଭିନ୍ନ ପର୍ବପର୍ବାଣୀରେ ମଧ୍ୟ ନାଚିଥାନ୍ତି । ରିଙ୍ଗୋଡି ନୃତ୍ୟର ନାଦ ଅଦ୍ଭୁତ ଖିଆଲ ଭିତରକୁ ଟାଣିନିଏ ।

## ଗଦବା ନାଚ:

କୋରାପୁଟ ଜିଲ୍ଲାର ଅନ୍ୟତମ ଜନଜାତି ହେଉଛନ୍ତି ଗଦବା । ଗଦରୁ ଆରମ୍ଭ ହୋଇଛି ଗଦବା । ଗୋଦାବରୀ ନଦୀର ଗୋଟେ ଶାଖା ଗଦରୁ ଏଇ ଜନଜାତିର ସୃଷ୍ଟି ବୋଲି କୁହାଯାଏ । ସ୍ତ୍ରୀମାନେ ନୃତ୍ୟବେଳେ ଲାଲ, ଧଳା ଓ ନୀଳ ରଙ୍ଗର ସ୍ୱତନ୍ତ୍ର ପଟି ପଡିଥିବା କେରଙ୍ଗ ବସ୍ତ୍ରକୁ ପିନ୍ଧିଥାନ୍ତି । ବେକରେ ବଳା ଓ ମୁଣ୍ଡରେ କୁକୁଡା ପର ପିନ୍ଧିଥାନ୍ତି । ଡଙ୍ଗରରେ ପରିଶ୍ରମ କରି ଫେରିବା ପରେ ସଦର ଦାଣ୍ଡରେ ଏଇ ନାଚ ହୁଏ । ଅଣ୍ଟାରେ ହାତକୁ ହାତ ଛନ୍ଦି ଯୁବତୀମାନେ ନାଚିଥାନ୍ତି । ଧାଡିର ଆଗପଛର ଯୁବତୀମାନେ ମୟୁର ପୁଚ୍ଛ ଧରି ହାତ ହଲେଇ ହଲେଇ ନାଚିଥାନ୍ତି । ଏଥିପାଇଁ ଢୋଲ, ଟମକ, ତିଡିବିଡି, ଧାଙ୍ଗରା, ତୁରୀ ବାଜା ପୁରୁଷମାନେ ବଜାଇଥାନ୍ତି । ଏସବୁ ବାଜାକୁ ଅନୁସୁଚିତ ଜନଜାତିର ଲୋକ ବଜାଇଥାନ୍ତି । ଗଦବା ପୁରୁଷ ଏସବୁ ବାଜା ବଜାଇବାକୁ ସଂପ୍ରଦାୟ ପକ୍ଷରୁ ବାରଣ କରାଯାଇଛି । ସେମାନେ କେବଳ ବଂଶୀ ବଜେଇଥାନ୍ତି । ଏଥିରେ କୁନ୍ଦା ଢେମସା, ଗୋଡି ବେଟାନୀ, ପାଟକା ଗୋଡିଏ, ବାଗ ଢେମସା ଆଦି ନୃତ୍ୟ ରୂପରେ ନାଚକରନ୍ତି । ବାଜା ବଜାଉଥିବା ଯୁବକମାନଙ୍କୁ ନୃତରତା ଯୁବତୀମାନେ ଟାହିଟାପରା କରିଥାନ୍ତି । ଗୁତବ, ପୁଷ ପରବ, ଚଇତି, ବନ୍ଦାପନା, ଦଶରା ତଥା ବିବାହଆଦି ପର୍ବପର୍ବାଣୀବେଳେ ଏଇ ନୃତ୍ୟ ବିଶେଷ ଭାବେ ଆୟୋଜିତ ହୋଇଥାଏ ବୋଲି ଗଦବା ସଂପ୍ରଦାୟର ଯୁବକ ଧନ ମୁଦୁଲି କହିଛନ୍ତି ।

## କୋୟା ନୃତ୍ୟ :

ମାଲକାନଗିରି, ଆନ୍ଧ୍ରପ୍ରଦେଶ, ଛତିଶଗଡ ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରେ କୋୟାମାନେ ବସବାସ କରନ୍ତି । ଆମ ଓଡିଶାର ମାଲକାନଗିରି ଜିଲ୍ଲାରେ କୋୟା ଜନଜାତିର ଲୋକ ବସବାସ କରନ୍ତି । କୋୟା ନୃତ୍ୟ ଅନନ୍ୟ । ସେମାନଙ୍କ ବେଶଭୂଷା ସହ ଜୀବନ ଶୈଳୀ ନୃତ୍ୟରେ ପ୍ରତିଫଳିତ ହୋଇଥାଏ । କମୁ କୟା ନୃତ୍ୟ ବା ଶିଙ୍ଘ ନୃତ୍ୟ ହଜାର ବର୍ଷର ଗୋଟେ ସଂସ୍କୃତିକୁ ପିଢି ପରେ ପିଢି ବୋହି ଆଣିଛି । ଗ୍ରାମଦେବତା ଭୂମି ପଣ୍ଡାରାର ପୂଜନରୁ ଏଇ ନୃତ୍ୟ ଉଦ୍ଭବ ହୋଇଥିବା କୋୟା ଜନଜାତିର ବିଶ୍ୱାସ ରହିଛି । ପଶୁ ଶିକାରରୁ ମିଳିଥିବା ଗୟଳ ଶିଙ୍ଘକୁ ମୁଣ୍ଡରେ ଧାରଣ କରି ପୁରୁଷମାନେ ନାଚିଥାନ୍ତି । ଗୟଳ ଶିଙ୍ଘକୁ ଧଳା ଧୋତିରେ ଗୁଡେଇ ଦୁଇପାଖ ଓହଳିଲା ଭଳି ପଛକୁ ଛାଡିଥାନ୍ତି । ଶିଙ୍ଘର ଉପରି ଭାଗରେ ମୟୂର ପୁଚ୍ଛକୁ ଧାରଣ କରିଥାନ୍ତି । ପୁରୁଷମାନେ ପ୍ରାୟ ଏକ ମିଟର ଲମ୍ବ ଓ ଏକ ଫୁଟ ଓସାରର ଢୋଲକୁ ବେକରେ ଓହଳାଇ ବଜାଇଥାନ୍ତି । ଏହି ବାଜାର ବାମପଟ ଗାଈ ଚମଡା ଓ ଡାହାଣ ପଟ ଛେଳି ଚମଡା ଲାଗିଥାଏ । ଏକାଧିକ ପୁରୁଷ ଝୁଲି ଝୁଲି ସମତାଳରେ ଏଭଳି ବାଦ୍ୟକୁ ବଜାଇଥାନ୍ତି । ମଝିରେ ମଝିରେ ଦୁଇ ପୁରୁଷ ଗୟଳ ଭଳି ଶିଂଘକୁ ଶିଂଘ ମୁହାଁମୁହିଁ ବାଡେଇ ନାଚ କରନ୍ତି । ବାଦ୍ୟର ତାଳେ ତାଳେ କୋୟା ରମଣୀମାନେ ତାଳ ଅନୁସାରେ ନୃତ୍ୟ କରିଥାନ୍ତି । କୋୟା ରମଣୀମାନେ ଏହି ନୃତ୍ୟ ସମୟରେ ଇସାଦ, ପୁସ୍ତେ, ଆଡୁକୁଟେ, ଏଝାଡ, କୁଞ୍ଜା, ଇତଲେ ଆଦି ଅଳଙ୍କାର ଲଗାଇଥାନ୍ତି । ଏହାଛଡା ଟିୟା, କାମେ, ଗୁଜଡ, ଗୁର୍କୀ ଆଦି ପାରମ୍ପାରିକ ଅଳଙ୍କାର ଗୋଡ ଓ ହାତରେ ବ୍ୟବହାର କରିଥାନ୍ତି । ପୂଜାପର୍ବ ଓ ବାହାଘରବେଳେ ଏଇ ନୃତ୍ୟ କରିଥାନ୍ତି । ସେହିପରି କୋୟାମାନଙ୍କ ଆଉ ଏକ ନୃତ୍ୟ ହେଲା ଡ୍ଡିଜା ପେଣ୍ଡମ ନୃତ୍ୟ । ଚୈତ୍ରମାସରେ ବୀଜକୁ ପୂଜା କଲାବେଳେ ଓ ବେଣ୍ଟ ଶିକାର କରି ଫେରିଲାବେଳେ ଏହି ନୃତ୍ୟ ହୋଇଥାଏ । ବିଜା ପେଣ୍ଟୁମ, କୋତା ଲାଣ୍ଟୁମ, ବିମୁଡୁ ପାଣ୍ଟୁମ ଓ ଇଡୁ ପାଣ୍ଟୁମୁ ବେଳେ ଏହି ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ସ୍ତ୍ରୀ ଲୋକମାନେ ଧଳା ଓ ନାଲି ରଂଗର ଧଡିଥିବା ଲୁଗା, ମୁଣ୍ଡରେ ପାରମ୍ପାରିକ ପିତ୍ତଳର ମୁକୁଟ ତାଲିଜ ଏବଂ ଅଗ୍ର ଭାଗରେ ଝୁମୁକା ଲାଗିଥିବା ଏକ ସ୍ୱତନ୍ତ୍ର ଧରଣ ଧାତବ/କାଠର ବାଡି ଗୁଜୁରି ହାତରେ ଧରି ଧାଡି ବାନ୍ଧି ନାଚିଥାନ୍ତି । ସଂଗୀତର ସୁରଲୟତାଳ ଅନୁସାରେ ଗୁଜୁରିକୁ ତଳେବାଡେଇ ଶବ୍ଦର ମିଶ୍ରଣ କରନ୍ତି । ଏଥିରେ ପ୍ରେମ ଗୀତ ବି ରହିଥାଏ ।

## ଢେମସା ନାଚ:

ଏଇ ନାଚର ନାମକରଣ ବାଦ୍ୟର ନାମ ଅନୁସାରେ ହୋଇଥିବା ଜଣାଯାଏ । ଧୁମସା ବାଦ୍ୟରୁ ଢେମସା ଆସିଛି । ଅବିଭକ୍ତ କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଅଧିକାଂଶ ଜନଜାତିଙ୍କ ନୃତ୍ୟ ଶୈଳୀ ଢେମସା ଅନୁରୂପ ହୋଇଥାଏ । ଅଞ୍ଚଳ ଭିତ୍ତିରେ ଏହାର ନୃତ୍ୟ ଶୈଳୀ କେବଳ ପରିବର୍ତ୍ତନ ହୋଇଥାଏ । ଏହାଛଡା ସମୟକ୍ରମରେ ଏହାର ଆଙ୍ଗିକ ପରିବର୍ତ୍ତନ ହୋଇ ଆସିଛି । ନୂତନ ମୁଦ୍ରାମାନ ଯୋଡି ହୋଇଛି । ତେବେ ସାମଗ୍ରୀକ ଭାବେ ଢେମସା ନୃତ୍ୟର ଶୈଳୀ ଓ ଏହାର ବାଦ୍ୟର ନାଦ ଶ୍ରୋତା ଓ ଦର୍ଶକଙ୍କୁ ଅଭିଭୂତ କରିପକାଏ । ଝୁମିବାକୁ ବାଧ୍ୟ କରେ । ଢେମସା ନୃତ୍ୟର ମୁଖ୍ୟ ବାଟକଢାଣୀ ହୋଇଥାଏ । ଧାଡି ବାନ୍ଧି ନାଚୁଥିବା ରମଣୀ ମଧ୍ୟରୁ ଅଭିଜ୍ଞ ଓ ପୋଖତ ମହିଳାମାନେ ଧାଡିର ଶେଷ ଓ ଆଗରେ ରହିଥାନ୍ତି । ଏହି ଦୁଇଜଣଙ୍କ ଯେଉଁଳି ମୁଦ୍ରାରେ ନୃତ୍ୟ ଆରମ୍ଭ କରନ୍ତି ସେଇ ଅନୁସାରେ ସମଗ୍ର ଦଳ ଗତି କରେ ଓ ପାଦ, ଅଣ୍ଟା ଓ ହାତର ମୁଦ୍ରା ପରିଚାଳନା କରନ୍ତି । ଅବଶ୍ୟ ଏହି ନୃତ୍ୟର ଭଙ୍ଗୀ ମୁଖ୍ୟତଃ ବାଦ୍ୟକାରଙ୍କ ଉପରେ ନିର୍ଭର କରିଥାଏ । ଢୋଲ, ନିଶାନ, ଟମକ, ଡଫ, ତିଡିବିଡି, ଢୁଂଗଢୁଂଗା, ମହୁରୀ ଆଦିର ନାଦ ଅନୁସାରେ ନୃତ୍ୟ ଶୈଳୀ ଧୀର କିମ୍ବା ଜୋର ହୋଇଥାଏ । ଚାଲିଚାଲି, ଝୁଲିଝୁଲି, ଧାଇଁଧାଇଁ, ଅଣ୍ଟା ହଲେଇ, ଗୋଡ ଘଷି, ବସିବସି ନୃତ୍ୟରତା ମହିଳାମାନେ ଆଗପଛ ଓ ଉଭୟ ପାର୍ଶ୍ୱକୁ ଖେପିଯାନ୍ତି । ନୃତ୍ୟବେଳେ ଜନଜାତି ରମଣୀମାନଙ୍କ ଭଙ୍ଗୀର ସମ୍ୟତା, ମୁଦ୍ରା ଏବଂ ନୃତ୍ୟ ଦଳର ଆକାର ବେଳକୁବେଳ ପରିବର୍ତ୍ତିତ ହୋଇଥାଏ । ଏହା ଦେଖଣାହାରୀଙ୍କ ମନରେ କୌତୁହଳ ସୃଷ୍ଟି କରାଇବାରେ ସମର୍ଥ ହୋଇଥାଏ । ଜନଜାତି ରମଣୀମାନେ ନୃତ୍ୟ କଲାବେଳେ ମୟୂର ପୁଚ୍ଛ, ବାଡି, ରୁମାଲ, ଗାମୁଛା ଆଦିକୁ ହାତରେ ଧରି ବିଭିନ୍ନ ମୁଦ୍ରାରେ ପ୍ରୟୋଗ କରିଥାନ୍ତି । କିଛି ନଥିଲେ ଡାଳ ଖଣ୍ଡିଏ ଧରି ମହିଳାମାନେ ନାଚିଥାନ୍ତି । ଏଇ ନାଚର ମୁଦ୍ରା ୧୪ରୁ



୧୭ ପ୍ରକାରର ହୋଇଥାଏ ବୋଲି ଗବେଷକମାନେ ମତ ରଖିଛନ୍ତି । ନୃତ୍ୟବେଳେ ମଝିରେ ମଝିରେ ଗୀତ ଗାଇବାର ପରମ୍ପରା ବି ରହିଛି । ଏହି ନୃତ୍ୟ ଜନଜାତି ଗାଁଗୁଡିକରେ ରାତି ରାତି ଧରି ଚାଲିଥାଏ । ଏଥିରେ ପ୍ରଚୁର ଶକ୍ତି ଅପଚୟ ହୁଏ । ତଥାପି ଜନଜାତି ମହିଳାମାନେ କେବେ ଥକନ୍ତିନି କି ବାଦ୍ୟକାର ନିଜର ବାଦ୍ୟକୁ ଶାନ୍ତ କରିବାକୁ ଦିଅନ୍ତିନି ।

## ଦେଶିଆ ନାଟ :

ଅବିଭକ୍ତ କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଜନଜାତିଙ୍କ ସଂଯୋଜକ ଭାଷା ହେଲା ଦେଶିଆ । ଏହି ଭାଷା ଅନେକ ଜନଜାତିଙ୍କୁ ଯୋଡି ରଖିବାରେ ସକ୍ଷମ ହୋଇପାରିଛି । ଜନଜାତି ଗୋଷ୍ଠୀ ମଧ୍ୟରେ ନିଜର ମାତୃଭାଷା ବ୍ୟତୀତ ଦେଶିଆ ଭାଷାରେ କହିବା ଓ ବୁଝିବାରେ କୌଣସି ସମସ୍ୟା ନାହିଁ । ଅବିଭକ୍ତ କୋରାପୁଟ ଜିଲ୍ଲାରେ ଦେଶିଆ ନାଟକ ପ୍ରମୁଖ ଲୋକ ନୃତ୍ୟ ଭାବେ ଜଣାଶୁଣା । ଜନଜାତିରେ ବିଶେଷ ଲୋକ ନାଟକ ନାହିଁ ସତ । କିନ୍ତୁ ଜନଜାତିରେ ନୃତ୍ୟ ସଂଗୀତ ପରଂପରା ବେଶ ସମୃଦ୍ଧ । ତଥାପି ଏହି ବିରାଟ ପ୍ରାନ୍ତରେ ଦେଶିଆ ନାଟର ସୁଦୃଢ ପରମ୍ପରା ରହି ଆସିଛି । ବିଭିନ୍ନ ଗ୍ରାମରେ ସ୍ଥାପିତ ଆଖାଡା ଦ୍ୱାରା ରାମ ଲୀଳା, ଲକ୍ଷ୍ମୀ ପୂଜା, ରାଧାକୃଷ୍ଣ ପ୍ରେମ ଲୀଳା, ଶଶୀରେଖା ହରଣ, ଦାନବୀର କର୍ଣ୍ଣ, ଦାନବୀର ହରିଶ୍ଚନ୍ଦ୍ର, ବାଳି ବଧ, ସୀତା ହରଣ, ଚିତ୍ରଲେଖା ହରଣ, କିଚକ ବଧ, କଂସ ବଧ, ବାବ୍ରୁବାହନ, ଦ୍ରୌପଦୀ ବସ୍ତ୍ରହରଣ, ମୀରାବାଇ, ରଘୁ ଅରକ୍ଷିତ, ପ୍ରହ୍ଲାଦ ନାଟକ, ମାନ ଭଂଜନ, ଲବକୁଶ ପ୍ରମୁଖ ନାଟକ ମଞ୍ଚସ୍ଥ ହୋଇଛି । ଲୋକନାଟକ କ୍ଷେତ୍ରରେ ରାୟଗଡା ଜିଲ୍ଲା ପଦ୍ମପୁରର ଦାମୋଦର ମହାପାତ୍ର, କୋଟପାଡର ଶ୍ୟାମଘନ ମଲିକ, ବୋରିଗୁମ୍ମାର ରାଜେନ୍ଦ୍ର ଭଟ ସାମନ୍ତରାୟ, କୋଟପାଡର ବୃନ୍ଦାବନ ବକ୍ସି, ବିଷମକଟକର ଜଗନ୍ନାଥ ରଣା, ବଳଭଦ୍ର ନାୟକ, ଲୋକନାଟ୍ୟ ବିଷାଦର ନାଟ୍ୟକାର ଶ୍ରୀରଂଗ ନାୟକ ପ୍ରମୁଖଙ୍କ ନାମ ଉଲ୍ଲେଖ ଯୋଗ୍ୟ । କୋରାପୁଟ, ମାଲକାନଗିରି, ନବରଂଗପୁର ଓ ରାୟଗଡାରେ ରାତି ରାତି ବ୍ୟାପି ଦେଶିଆ ନାଟକ ମଞ୍ଚସ୍ଥ ହେଉଛି । ଏହାର ସଂଳାପ, ସଂଗୀତ ଓ ଅଭିନୟ ଆଜି ବି ଦର୍ଶକଙ୍କୁ ବାନ୍ଧି ରଖିପାରୁଛି । ପାରଂପରିକ ବାଦ୍ୟଯନ୍ତ୍ର ସହ ଅଭିନବ ସଂଗୀତ ଏହାର ଆକର୍ଷଣର କେନ୍ଦ୍ରବିନ୍ଦୁ । ସାଧାରଣ ଭାଷାର ବହୁଳ ବ୍ୟବହାର ଏହାକୁ ଲୋକପ୍ରିୟ କରାଇପାରିଛି । ମଝିରେ ମଝିରେ ପ୍ରଚୁର ହାସ୍ୟରସାତ୍ମକ ସଂଳାପ ଓ ଦୃଶ୍ୟ ଦର୍ଶକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇପାରିଛି । ପୌରାଣିକ କଥା ବସ୍ତୁ ଓ ସାମାଜିକ ପ୍ରସଙ୍ଗ ଆଧାରିତ ଏଇ



ଦେଶିଆ ନାଟ ଆଜିର ଯୁଗରେ ବି ବେଶ ଉପଭୋଗ୍ୟ । ଦେଶିଆ ଗୁରୁମାନେ ଗାଁ ଗାଁରେ ଦେଶିଆ ନାଟକ ରଚନା ସହ ନିର୍ଦ୍ଦେଶନା ଦେଇ ଆସୁଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ଦଳ ଅଛନ୍ତି । ବଡ ବଡ ଯାତ୍ରା ପାର୍ଟି ଭଳି ଖୁବ ଜାକଜମକରେ ଦେଶିଆ ନାଟ ପରିବେଷଣ ହେଉଛି । ବିଭିନ୍ନ ଉତ୍ସବରେ ମୋଟା ଅଙ୍କର ଅର୍ଥ ନେଇ ଦେଶିଆ ନାଟକ ମଞ୍ଚସ୍ଥ କରୁଛନ୍ତି । ପାରମ୍ପାରିକ ବାଦ୍ୟଯନ୍ତ୍ର ସହ ଆଧୁନିକ ବାଦ୍ୟଯନ୍ତ୍ରର ପ୍ରୟୋଗ ଓ ସମୟ ଅନୁସାରେ ଏବଂ ଲୋକଙ୍କ ରୁଚି କ୍ରମରେ ଗୁରୁମାନେ ନାଟର ଆଙ୍ଗିକ ପରିବର୍ତ୍ତନ କରିଚାଲିଛନ୍ତି । ଏଥିପାଇଁ ଏଇ ଆଧୁନିକ ଯୁଗରେ ବି ଦେଶିଆ ନାଟର ଆକର୍ଷଣ କମି ପାରିନି । ଏଥିପ୍ରତି ଯୁବପିଢିଙ୍କ ଭିତରେ ବି ରୁଚି ଦେଖିବାକୁ ମିଳୁଛି ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା -୭୬୫୦୦୧**
**ମୋ -୯୪୩୭୯୦୯୬୭୧**

**ମନକୁ ଆସିଲା ଯାହା ୩୫**

# ଭାଇରାଲ ହେବା ନିଶାରେ...



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ମୋର ଗତ ସପ୍ତାହର ଆଲେଖ୍ୟଟି ପରେ ଅନେକ ଫୋନ ଆସିଛି । କିଛି ସୁଖଦ ପୁଣି କିଛି ଦୁଃଖଦ ବି । କିଏ ନିଜେ ସ୍ତ୍ରୀ ବୋଲକରା ହେଇ ରହିବାର ପରିଣତି ବିଷୟରେ ବୁଝେଇଛି ତ ଆଉ କିଏ ସ୍ତ୍ରୀ କଥାକୁ ଅଶୁଣା କରି ସିଂହଛୁଆ ବୋଲି ନିଜକୁ ପ୍ରମାଣିତ କରିବାକୁ ଚେଷ୍ଟା କରିଛି । ମଜା କଥା ହେଉଛି ଯେ, ମୋ ସହ ଫୋନରେ କଥା ହେଉଥିବା ବେଳେ ହିଁ କିଛିଗୋଟେ କାଚ ଜିନିଷ ତଳେ ପଡି ଝଣ ଝଣ ହେଇ ଭାଙ୍ଗି ଯିବାର ଶବ୍ଦ ଶୁଭିଛି । ମୁଁ ପଚାରି ସେହି ବ୍ୟକ୍ତିଙ୍କ ଠାରୁ ଉତ୍ତର ପାଇଛି ଯେ, ପତ୍ନୀଙ୍କ କଥା ନଶୁଣିଥିବାରୁ ସେ ରାଗରେ ଗୋଟେ କାଚ ଗ୍ଲାସକୁ ୟାଙ୍କ ମୁଣ୍ଡକୁ ଫୋପାଡିଥିଲେ, ଯାହା ଲକ୍ଷ୍ୟଭ୍ରଷ୍ଟ ହୋଇ କାନ୍ଥରେ ବାଜି ଭାଙ୍ଗି ଚୁରମାର ହୋଇଯାଇଛି । ଏଥର ପତ୍ନୀଙ୍କ କ୍ରୋଧରୁ ବଞ୍ଚିବା ପାଇଁ ଫୋନ କାଟିଦେବାକୁ କହିବା ଛଡା ମୋର ଆଉ ଅନ୍ୟ ବାଟ କିଛି ଥିଲା କି ? ପତ୍ନୀଙ୍କ ରାଗର କିଛି ଉପଚାର ଅଛିକି କାହା ପାଖରେ ?

କିନ୍ତୁ ଖାଲି କଣ ପତ୍ନୀମାନେ ରାଗି ପାରିବେ ? ପତିମାନଙ୍କର କଣ ରାଗିବାର ଅଧିକାର ନାହିଁ ? ମୁଁ ଏମିତି କିଛି ଭାବୁ ଭାବୁ ଖବରକାଗଜର ପୃଷ୍ଠା ଉପରେ ନଜର ପଡିଲା । ଲୋକଟିଏ ପିନ୍ଧିଛି ମୁଣ୍ଡରେ ହେଲମେଟ କିନ୍ତୁ ଅଧା ମୁହଁ ଘୋଡେଇ ହୋଇଛି । ଠିକ ସେମିତି କାରଟିଏକୁ ବି ସେ କାଟିଦେଇଛି ଠିକ ଦୁଇଭାଗକରି । ଭାନଡେର ଦୁଲି ନାମକ ଏହି ବ୍ୟକ୍ତିଟି ନିଜ ବିବାହ ବିଚ୍ଛେଦର ସର୍ତ୍ତମୁତାବକ ନିଜର ସମସ୍ତ ସ୍ଥାବର/ଅସ୍ଥାବର ସଂପତ୍ତିର ଅଧାଭାଗ ଦେବାର ଥିଲା ନିଜ ପତ୍ନୀ ଲଉରାଙ୍କୁ । କେବଳ ରାତାରାତି ପ୍ରସିଦ୍ଧି ପାଇବାର ଆଶାରେ ସେ ଯୁକ୍ତି ସଙ୍ଗତଭାବେ ସଂପତ୍ତିର ଭାଗ ନକରି ଆକ୍ଷରିକ ଭାବରେ ଦୁଇଭାଗ କରିଚାଲିଲେ ନିଜର ପ୍ରତିଟି ସମ୍ପତ୍ତିକୁ । ସାର୍ଟକୁ ଅଧାରୁ ଚିରିଦେବାଠୁଁ ନେଇ ଫ୍ରିଜ, ଟିଭି ଓ ଟେବୁଲ ଚେୟାର ପର୍ଯ୍ୟନ୍ତ ସବୁକିଛିକୁ ସେ ଠିକ ମଝିରୁ କାଟି ପକେଇଲେ ଏବଂ ଆଶା କରି ବସିଲେ ଯେ ତାଙ୍କ ପତ୍ନୀ ସେଇ ଅଧା ସଂପତ୍ତିକୁ ବି ନେଇଯିବେ ନିଜ ସହ । ଏଥର ଘଟିଲା ବିଚିତ୍ର ଦୃଶ୍ୟ । ପତ୍ନୀ ନିଜର ଅଧା ଭାଗତ ନେଲେ ନାହିଁ ବରଂ ଏସବୁ ଅଧାଭାଗହୋଇଥିବା ଜିନିଷର ଫଟୋକୁ ଇଣ୍ଟରନେଟରେ ଛାଡି ନିଲାମ ଡାକିଦେଲେ । ବିଶ୍ୱାସ କରନ୍ତୁ ଏମିତି ବିଚିତ୍ର ଭାବେ କଟା ହୋଇଥିବା ଘର କରଣା ଜିନିଷ ସବୁକୁ ନେବା ପାଇଁ ଗରାଖଙ୍କ ଲମ୍ଫାଧାଡି ଲାଗିଲା । ଏଥିରୁ ତାଙ୍କୁ ଆଶାଠାରୁ ଢେରଅଧିକା ପଇସା ବି ମିଳିଲା ।

ଯାହାଦିନେ ଆରମ୍ଭ ହୋଇଥିଲା ପତ୍ନୀଙ୍କ ପ୍ରତି ରାଗ, ଘୃଣା, ଅଭିମାନ ଓ ବିବାହ ବିଚ୍ଛେଦ ଜନିତ ହତାଶାର ଉଦ୍ଭଟ ପ୍ରତିଫଳନ ରୂପେ, ତାହା ଇଣ୍ଟରନେଟ ମାଧ୍ୟମରେ ପ୍ରଚାର ହୋଇଯିବାରୁ ରାତାରାତି ପାଲଟିଗଲା ଅର୍ଥ ଆଗମନର ନୂଆ ତରିକା । ଯେ'ବି ପ୍ରଚାରରେ ରହିବା ପାଇଁ ଏକ ନୂଆ ମାଧ୍ୟମ ନୁହେଁ କି ? ଠିକ ସେମିତି ଜାପାନର ୟାସାନଙ୍କ କଥା । ନିଜ ପ୍ରେମିକା (ନାମ ଗୋପନ)ଙ୍କୁ ଖୁସି କରିବା ପାଇଁ ସେ କରିଛନ୍ତି ପ୍ରାୟ ୨୨୦୦୦ କିମି ଯାତ୍ରା । ରେଳ ଓ ବିମାନରେ ଯାତ୍ରା କରିବାବେଳେ ସେ ନିଜ ମୋବାଇଲରେ ଜିପିଏସ୍‌କୁ ମଧ୍ୟ ସକ୍ରିୟ କରି ରଖିଦେଇଥିଲେ । ଫଳରେ ଗୁଗୁଲ ଦ୍ୱାରା ପୃଥିବୀର ମାନଚିତ୍ର ଉପରେ ଏହି ଜିପିଏସ ମାଧ୍ୟମରେ ବିନ୍ଦୁମାନ ବନିଚାଲିଲା । ସେହି ୟାସାନ ନାମକ ବ୍ୟକ୍ତିଜଣକ କିନ୍ତୁ ଆହୁରି ଚାଲାକ । ସେ ନିଜ ମନଭିତରେ ଆଙ୍କିଥିଲେ ଛବିଟିଏ, ଯାହା ଇଂରାଜୀ ବର୍ଣ୍ଣମାଳାର ନିର୍ଦ୍ଦିଷ୍ଟ କେତୋଟି ଅକ୍ଷର ପରି ଦିଶୁଥିବ ଏବଂ ନିଜ ପ୍ରେୟସୀ ପାଇଁ ବିବାହର ପ୍ରସ୍ତାବ ରଖୁଥିବ । ଏବେ ପ୍ରାୟ ୫ ବର୍ଷର ପ୍ରଚେଷ୍ଟା ପରେ ସେ ନିଜ ଉଦ୍ୟମରେ ସଫଳ ହୋଇଛନ୍ତି । ସଂପୂର୍ଣ୍ଣ ଜାପାନର ମାନଚିତ୍ର ଉପରେ ତାଙ୍କର ଯାତ୍ରାର ବିନ୍ଦୁ ମାଧ୍ୟମରେ ଯୋଡିଲେ ୨୨୦୦୦ କିମି ଲମ୍ବା ଇଂରାଜୀର 'ମ୍ୟାରୀ ମି' ଲେଖାଥିବାର ଦେଖିବାକୁ ମିଳୁଛି । ଯାହାର ଅର୍ଥ 'ହେ ପ୍ରେୟସୀ, ମୋତେ ବିବାହ କର' ଏବଂ ଏହା ବିଶ୍ୱର ସବୁଠାରୁ ବଡ ଜିପିଏସ ଚିତ୍ରର ଗୌରବଲାଭ କରିଛି । ୨୨୦୦୦ କିମି ଲମ୍ବାର ଯାତ୍ରାପଥରେ ଜିପିଏସ ଚିତ୍ର, କିଛି ଉଦ୍ଭଟ ଲାଗୁନି' ?

ଏବେ ପୁଣି ଚୀନରୁ ଆସିଛି ଏକ ବିଚିତ୍ର ଖବର । ଏକ ବୈବାହିକ ବନ୍ଧନରେ ଆବଦ୍ଧ ଦମ୍ପତ୍ତି ନିଜନିଜ ଫେସ୍‌ବୁକ୍ ପୃଷ୍ଠାରେ ଛାଡିଛନ୍ତି ୨ ଟି ଭିନ୍ନଭିନ୍ନ ଫଟୋ । ଉଭୟ ଫଟୋ କିନ୍ତୁ ଉଠିଛି ସମାନ ସ୍ଥାନରେ ଦୀର୍ଘ ୧୨ ବର୍ଷତଳେ ଓ ଭିନ୍ନଭିନ୍ନ କ୍ୟାମେରାରେ । ତିଆନମେନ ସ୍କୋୟାରରେ ଉଭୟ ଫଟୋ ଉଠାଯିବାବେଳକୁ ଉଭୟ ପରସ୍ପରକୁ ଚିହ୍ନି ନଥିଲେ ଏବଂ ୧୨ ବର୍ଷପରେ ଏବେ ତାଙ୍କର ବିବାହ (ପ୍ରେମ ବିବାହ ନୁହେଁ) ହେବ ବୋଲି ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ । ଉଭୟଙ୍କ ଫଟୋରେ ଅପର ଜଣକ ସେଠାରେ ଉପସ୍ଥିତ ଭିଡ ଭିତରେ ଚେହେରା ହୋଇ ଛିଡା ହୋଇଛନ୍ତି । ଏହାକୁ ଆପଣ କେବଳ ଏକ ବିରଳ ସଂଯୋଗ କହି ଏଡେଇ ଦେଇ ପାରିବେ କି ?

ଉଭୟେ କେବେ ସ୍ୱପ୍ନରେ ବି ଭାବି ନଥିବେ ଯେ, ଭବିଷ୍ୟତରେ ବିବାହ ହେବ ଓ ତା'ପରେ ପୁରୁଣା ଫଟୋକୁ ଖେଳାଉ ଖେଳାଉ ପରସ୍ପରକୁ ଦେଖିବେ ବୋଲି । ଏମିତି ଆପଣଙ୍କ ସହ କେବେ ହୋଇଛି କି ? ଏକ ଧାର୍ମିକ ବା ପର୍ଯ୍ୟଟନ ସ୍ଥଳରେ ଆପଣଙ୍କ ଫଟୋରେ ପଛପଟେ ଦେଖାଯାଉଥିବା ଭିଡ ଭିତରେ ଚେହେରାଟିଏକୁ ଆପଣ ପୁଣିଥରେ କେବେ ବାସ୍ତବ ଜୀବନରେ ଭେଟିଛନ୍ତି କି ? ଏଠି ତ' ବିବାହ ବି ହୋଇସାରିଲାଣି । ୟାକୁ ହିଁ ତ କୁହାଯାଏ 'ରବ ନେ ବନାଦି ଯୋଡି' । ଯେମିତି ଭଗବାନ ବି ଜାଣିଶୁଣି ଉଭୟଙ୍କୁ ୧୨ ବର୍ଷ ଆଗରୁ ବି ଥରେ ମିଶେଇଥିଲେ ଏମାନଙ୍କ ଅଜାଣତରେ ।

ଏଥର ଫେରିବା ପୁଣି ରାଗ ପାଖକୁ । ପତିପତ୍ନୀଙ୍କ ରାଗ'ତ ଛାଡନ୍ତୁ, ସାଙ୍ଗମାନଙ୍କ ଭିତରେ ରାଗରୁଷା ତ' ଏକ ସାମାନ୍ୟ କଥା । ମାତ୍ର ଆପଣ ସେଇ ରାଗକୁ କେତେ ସମୟ ଯାଏଁ ନିଜ ମନଭିତରେ ଚାପି ରଖିପାରିବ ? ଉତ୍ତର ୫ ମିନିଟ୍, ଘଣ୍ଟେ ବା କେଇଦିନ ହେଇପାରେ । ଘଟଣାର ଗୁରୁତ୍ୱ ଓ ସଂପର୍କର ସ୍ଥାୟିତ୍ୱ ଉପରେ ନିର୍ଭର କରେ ଏ ପ୍ରଶ୍ନର ଉତ୍ତର । କିନ୍ତୁ କେବେ ଆପଣ ୫୦ ବର୍ଷ ପରେ ରାଗରୁଷାରେ ଲଢେଇ କରୁଥିବା ସାଙ୍ଗଙ୍କୁ ଦେଖିଛନ୍ତି ?

କେରଳର ବଲାଲ ଗ୍ରାମପଞ୍ଚାୟତର ମାଲୋମ ଗ୍ରାମର ମାଲୋଥୁ ବାଲକ୍ରିଷ୍ଣନ ଓ ମ୍ୟାଥ୍ୟୁ ଭାଲିୟାପାକ୍କାଲଙ୍କ ନାମରେ ନାଟାକୁଲ୍ଲ ଥାନାରେ ମକଦ୍ଦମା ରୁଜୁ ହୋଇଛି । କାରଣ କଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ । ପ୍ରାୟ ୫୨ ବର୍ଷପୂର୍ବେ ଯେତେବେଳେ ସେମାନେ ୪ର୍ଥ ଶ୍ରେଣୀରେ ପଢୁଥିଲେ, ଭିଜେ ବାବୁ ନାମକ ଏକ ସାଙ୍ଗ ସହ କଥାକଟାକଟି ଓ ଝଗଡା ହୋଇଥିଲା । ଏବେ ସେମାନଙ୍କୁ ୬୨ ବର୍ଷ ବୟସ । ଅର୍ଥାତ ୩ ଜଣ ଯାକ ସେବାନିବୃତ୍ତ । ମାତ୍ର ସ୍କୁଲର ପୁରାତନ ଛାତ୍ର ସମ୍ମିଳନୀରେ ଦେଖାହୋଇଯିବାରୁ ୫୨ ବର୍ଷ ତଳର କଥାକୁ ମନେପକେଇ ମରାମରି, ଆମ୍ପୁଡା କାମୁଡା ହୋଇ ଲହୁଲୁହାଣ ହେଇଛନ୍ତି । କଥା ସେତିକିରେ ଅଟକିନି, ବରଂ ଯାଇ ପହଞ୍ଚିଛି ଥାନାରେ । ଏହାକୁ ଆପଣ ରାଗରୁଷା କହିବେ ନା ଅତୀତକୁ ମନେପକେଇବାର ନୂଆ ବାହାନା... ?

କାରଣଯାହା ହେଉନା କାହିଁକି, ଆମକୁ ଇଣ୍ଟରନେଟ୍ ମାଧ୍ୟମରେ ସାମାଜିକ ଗଣମାଧ୍ୟମରୁ ଏମିତି ରୋଚକ, ଉଦ୍ଭଟ ଖବର ସବୁ ମିଳିଯାଉଛି । ବିବାହ ବିଚ୍ଛେଦ ପରେ ସବୁ ସମ୍ପତ୍ତିକୁ ଅଧାକରିବା ହେଉ କି ପ୍ରେୟସୀ ପାଇଁ ୨୨୦୦୦ କିମି ଯାତ୍ରାକରି ମାନଚିତ୍ରରେ ବିରାଟ ଜିପିଏସ ଚିତ୍ର ଆଙ୍କିବା ହେଉ । ୧୨ ବର୍ଷ ତଳର ଫଟୋରୁ ନିଜ ଜୀବନସାଥୀ ଖୋଜିବା ହେଉ କି ୪ର୍ଥ ଶ୍ରେଣୀର ମନୋମାଳିନ୍ୟ ପାଇଁ ୫୨ ବର୍ଷ ପରେ ରକ୍ତାକ୍ତ ପ୍ରତିଶୋଧ ନେବା ହେଉ । ମୁଁ ତ କହିବି ଏସବୁ ବିରାଟ ବିସଙ୍ଗତିର ନମୂନା ମାତ୍ର । ଏସବୁ କେବଳ ଆଜିର ସାମାଜିକ ଗଣମାଧ୍ୟମର ଯୁଗରେ ରାତାରାତି ଭାଇରାଲ ହେବା ପାଇଁ ନୁହେଁ ତ ଆଉ କଣ ? ଆପଣ କଣ ଭାବୁଛନ୍ତି, ଅଚାନକ ପ୍ରସିଦ୍ଧିପ୍ରାପ୍ତିର ଏସବୁ ସରଳସୁତ୍ର ନୁହେଁ କି ? ଏସବୁ ଯାହାବି ଘଟୁଛି, ସବୁ କେବଳ ଅଯାଚିତ ଭାବରେ ଭାଇରାଲ ହେବା ନିଶାରେ ନୁହେଁ ତ... ?

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ନ୍ୟୁଡ୍ ଲିପଷ୍ଟିକ୍

ଆଜିକାଲି ଫ୍ୟାସନ ଦୁନିଆରେ ନ୍ୟୁଡ୍ ଲିପଷ୍ଟିକ୍ ମେକଅପ୍‌ର ଏକ ଟ୍ରେଣ୍ଡିଂ ଅଂଶ ହୋଇଯାଇଛି। ଏହି ଫ୍ୟାସନ୍ ଦୁନିଆରେ ଦିନକୁ ଦିନ କିଛି ନା କିଛି ଟ୍ରେଣ୍ଡରେ ରହିଆସିଛି। ଲୁକ୍‌କୁ ଏକ ନ୍ୟାଚୁରାଲ୍ ଏବଂ ଏଲିଗେଣ୍ଟ ଟଚ୍ ଦେବା ପାଇଁ ଚାହୁଁଛନ୍ତି ଯଦି ଆପଣଙ୍କ ମେକଅପ୍ କିଟ୍‌ରେ ଏହି ନ୍ୟୁଡ୍ ଲିପଷ୍ଟିକ୍‌କୁ ସାମିଲ୍ କରନ୍ତୁ। ନ୍ୟୁଡ୍ ଲିପଷ୍ଟିକ୍ ବାଛିବା ପାଇଁ ସ୍କିନ୍ ଟୋନ୍‌ର ଧ୍ୟାନ ରଖିବା ଜରୁରୀ। ଲିପଷ୍ଟିକ୍ ମେକଅପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଯାହା ଆପଣଙ୍କୁ ପରଫେକ୍ଟ ଲୁକ୍ ଦେଇଥାଏ। ଆଜିର ସମୟରେ ବଡ଼ଠାରୁ ଛୋଟ ପର୍ଯ୍ୟନ୍ତ ସମସ୍ତେ ଲିପ୍‌ଷ୍ଟିକ୍ ବ୍ୟବହାର କରୁଛନ୍ତି। ସେଭଳି କିଛି ନ୍ୟୁଡ୍ ଲିପଷ୍ଟିକ୍ ଉପରେ କିଛି ଟିପ୍ସ ଦିଆଯାଇଛି।

## ଗୌରବର୍ଣ୍ଣ ସ୍କିନ୍

ହାଲୁକା ବେଜିଂ କିମ୍ବା ବାଦାମୀ ସେଡ୍ସଗୁଡ଼ିକ ଆପଣଙ୍କ ତ୍ୱଚାକୁ ଡଲ୍ ଦେଖାଯାଇଥାଏ। ଏହାକୁ ବାଛିବା ପରିବର୍ତ୍ତେ ଆପଣ ଗୋଲାପୀ ଏବଂ ପିଚ୍ ସେଡ୍ସ ଟ୍ରାଏ କରିପାରିବେ। ଏହି ସେଡ୍ସଗୁଡ଼ିକୁ ଆପଣଙ୍କ ସ୍କିନ୍‌କୁ ଏକ ପ୍ରାକୃତିକ ବ୍ଲସ୍ ଦେବ। ଏହି ପ୍ରକାରର ନ୍ୟୁଡ୍ ଲିପ୍‌ଷ୍ଟିକ୍ ଆପଣଙ୍କୁ ଷ୍ଟାଇଲିସ୍ ଏବଂ ସ୍ମାର୍ଟ ଲୁକ୍ ଦେଇଥାଏ।

## ମଧ୍ୟମ କିମ୍ବା ଗହମ ସ୍କିନ୍

ଏହି ପ୍ରକାରର ସ୍କିନ୍ ଟୋନ୍ ପାଇଁ ଗୋଲାପୀ ଏବଂ ବାଦାମୀ ସେଡ୍ସ ଭଲ ଦେଖାଯାଏ। ଆପଣ ବାର୍ମ ପିଚ୍, କାରାମେଲ ବେଜ୍ ଏବଂ ରୋଜି ବାଦାମୀ ପରି ସେଡ୍ସ ବାଛିପାରିବେ। ଏହି ସେଡ୍ସ ସ୍କିନ୍ ଟୋନ୍‌କୁ ବାଲାନ୍ସ କରିବା ସହିତ ଓଠକୁ ମଧ ଭଲ ଲୁକ୍ ଦେଇଥାଏ।

## ଅଏଲ୍ ସ୍କିନ୍

ଏହି ସ୍କିନ୍ ଟୋନ୍ ପାଇଁ ଅଣ୍ଡରଟୋନ୍ କମ୍ ଗ୍ଲୋଡେନ୍-ଗ୍ରୀନ୍ ନ୍ୟୁଡ୍ ଲିପଷ୍ଟିକ୍ ବହୁତ ପସନ୍ଦ କରନ୍ତି। ଆପଣ ବାର୍ମ ମୋଚା, ଟେରାକୋଟା ଏବଂ ସଫ୍ଟ କାରାମେଲ ବାଦାମୀ ପରି ସେଡ୍ସ ଲଗାଇ ପାରିବେ। ତେବେ ଆପଣଙ୍କ ଲୁକ୍ ନିଆରା ଦେଖାଯିବ।

## ଡାର୍କ ସ୍କିନ୍

ଯଦି ଆପଣ ଭୁଲ ସେଡ୍ ବାଛନ୍ତୁ ତେବେ ଆପଣଙ୍କ ଲୁକ୍‌କୁ ବିଗାଡ଼ି ଦେବ। କିନ୍ତୁ ସଠିକ୍ ସେଡ୍ ବହୁତ ସୁନ୍ଦର ଦେଖାଯିବେ। ଆପଣ ରିଚ୍ ଚକୋଲେଟ୍ ବାଦାମୀ, କାରାମେଲ, କଫି ଟୋନ୍, ଡିପ୍ ମାଓ୍ୱ କିମ୍ବା ବେରୀ-ମିକ୍ସ ନ୍ୟୁଡ୍ ଲଗାଇପାରିବେ। ଏହି ସେଡ୍ସ ଆପଣଙ୍କ ତ୍ୱଚାର ପ୍ରାକୃତିକ ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ।





## ଓଠର ନ୍ୟାଚୁରାଲ୍ ରଙ୍ଗ

ସମସ୍ତଙ୍କର ଓଠର ରଙ୍ଗ ଅଲଗା ଅଲଗା ଅଟେ। ଅନେକ ଲୋକଙ୍କର ଓଠ ଗୋଲାପୀ, ବାଦାମୀ କିମ୍ବା ବାଇଗଣୀ ଥାଏ। ଯେତେବେଳେ ଲିପଷ୍ଟିକ୍ କିଣିବେ ଆପଣ ଏହାକୁ ହାତରେ ନଲଗାଇ ଓଠରେ ଲଗାଇ ଦେଖିବେ। ଏଥିରୁ ଆପଣ ଜାଣି ପାରିବେ ଯେ ଓଠର ନ୍ୟାଚୁରାଲ୍ ପିଗ୍‌ମେଣ୍ଟ ସହିତ କେମିତି ଦେଖାଯାଉଛି। ଏହା ଆପଣଙ୍କ ଓଠକୁ ମ୍ୟାଚ୍ କରୁଥିଲେ ଆଣିବେ।

## ମ୍ୟାଟ୍ କିମ୍ବା ଗ୍ଲୋସି ନ୍ୟୁଡ୍ ଲିପ୍‌ଷ୍ଟିକ୍

ମ୍ୟାଟ୍ ନ୍ୟୁଡ୍: ଏହା ଅଧିକ ସମୟ ଧରି ଓଠରେ ରୁହେ ଏବଂ ଆଧୁନିକ ଲୁକ୍ ମଧ ଦିଏ। କିନ୍ତୁ ବେଳେବେଳେ ଏହା ଓଠକୁ ଶୁଖିଲା ଦେଖା ଯାଇଥାଏ। ଗ୍ଲୋସି କିମ୍ବା କ୍ରିମି ନ୍ୟୁଡ୍- ଏହା ଓଠକୁ ଚମତ୍କାର ଦେଖାଯାଏ। ଯାହା ପ୍ରତିଦିନ ଲଗାଇବା ପାଇଁ ଠିକ୍।



ରୋଷେଇ ଘରୁ

# ଏଗ୍ ମାଞ୍ଚୁରିଆନ୍

**ଆବଶ୍ୟକ ସାମଗ୍ରୀ:** ଅଣ୍ଡା-୬ଟା, ବେସନ-୨ଚାମଚ, ହଳଦି, ଧନିଆ ପାଉଡ଼ର, ଜୀରା ପାଉଡ଼ର, କାଶ୍ମିରୀ ଚିଲ୍ଲି, ଗରମ ମସଲା, କଟା ରସୁଣ, କଟା କଞ୍ଚାଲଙ୍କା, ଲୁଣ, ଶୁଖିଲା ଲଙ୍କା, ତେଲ, ପିଆଜ, କ୍ୟାପ୍‌ସିକମ୍, ଚିଲ୍ଲି ସସ୍, ସୋୟା ସସ୍, ଟମାଟୋ ସସ୍, ଗୋଲମରିଚ ପାଉଡ଼ର, ଟମାଟୋ, କର୍ଣ୍ଣଫ୍ଲୋର, ଧନିଆପତ୍ର।



**ପ୍ରଣାଳୀ:** ପ୍ରଥମେ ଅଣ୍ଡାକୁ ସିଝେଇ ନିଅନ୍ତୁ। ଅଣ୍ଡାର ଖୋଳକୁ ଛଡ଼ାଇ ଏହାକୁ ଛୋଟ ଛୋଟ ଫିସ୍ କରି କାଟି ରଖିବେ। ଗୋଟିଏ ବଡ଼ ଗିନାରେ କଟା ଅଣ୍ଡା, ବେସନ, ହଳଦି, ଧନିଆ ପାଉଡ଼ର, ଜୀରା ପାଉଡ଼ର, କାଶ୍ମିରୀ ଚିଲ୍ଲି, ଗରମ ମସଲା, କଟା ରସୁଣ, କଟା କଞ୍ଚାଲଙ୍କା, ଲୁଣ, ଗୋଟିଏ ଅଣ୍ଡାକୁ ଫଟାଇ ଏହାକୁ ଭଲ ଭାବେ ମିଶେଇ ନିଅନ୍ତୁ। ହାତରେ ତେଲ ଲଗାଇ ଏହି ଅଣ୍ଡାକୁ ବଲ୍ ଭଳି କରିନେବେ। ପ୍ୟାନ୍‌ରେ ତେଲ ଗରମ ହେଲେ ଏହି ଅଣ୍ଡାର ବଲ୍‌ଗୁଡ଼ିକୁ ବ୍ରାଉନ୍ କଲର ହେବା ପର୍ଯ୍ୟନ୍ତ ଛାଣି ରଖନ୍ତୁ। ସେହି ପ୍ୟାନ୍‌ରେ କଟା ରସୁଣ, କଟା କଞ୍ଚାଲଙ୍କା ଏବଂ ଶୁଖିଲା ଲଙ୍କାକୁ ଟିକେ ଭାଜିବେ। ସେଥିରେ କଟା ପିଆଜ, କ୍ୟାପ୍‌ସିକମ୍‌କୁ ଅଳ୍ପ ଭାଜି ହେଲେ ଏଥିରେ ଚିଲ୍ଲି ସସ୍, ସୋୟା ସସ୍, ଟମାଟୋ ସସ୍, ଲୁଣ, ଗୋଲମରିଚ ପାଉଡ଼ର ଦେଇ ମିକ୍ସ କରନ୍ତୁ। ଏଥିରେ କଟା ଟମାଟୋ ପକାଇ ହାଲୁକା ଭାଜିଲା ପରେ ଛାଣି ରଖିଥିବା ଅଣ୍ଡାକୁ ଦେଇ ମିଶାଇ ନେବେ। ଗୋଟିଏ ଗିନାରେ କର୍ଣ୍ଣଫ୍ଲୋର ଏବଂ ପାଣିର ପେଷ୍ଟ ପ୍ରସ୍ତୁତ କରି ସେଥିରେ ଦେଇ ଭଲ ଭାବେ ମିଶାନ୍ତୁ। ଶେଷରେ କଟା ଧନିଆପତ୍ର ଦେଇ ଗ୍ୟାସ୍‌କୁ ବନ୍ଦ କରିନେବେ। ଏହି ଏଗ୍ ମାଞ୍ଚୁରିଆନ୍‌କୁ ଭାତ, ରୁଟି କିମ୍ବା ନାନ୍ ସହିତ ଖାଇପାରିବେ।

# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ**
ରବିବାର ଓ ସୋମବାର କର୍ମକ୍ଷେତ୍ରରେ ଆନନ୍ଦପ୍ରାପ୍ତ ହେବ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ଉଦ୍ୟମ ସାଫଲ୍ୟତା ଲାଭ। ଆର୍ଥିକ ପରିସ୍ଥିତି ଭଲ ରହିବ। ଶୁକ୍ରବାର ଓ ଶନିବାର ମଧ୍ୟମ ସଫଳତା ମିଳିବ।
ପ୍ରତିକାର: ବିଷ୍ଣୁ ପ୍ରଚୋଦୟାତ୍ ମନ୍ତ୍ର ଜପ କରନ୍ତୁ।

**ବୃଷ**
ରବିବାର ଓ ସୋମବାର ସମସ୍ୟାଯୁକ୍ତ ହେବେ। ଋଣଭାର ବୃଦ୍ଧି ଘଟିବ। ମଙ୍ଗଳବାର ଓ ବୁଧବାର ମଧ୍ୟମ ଫଳ ପ୍ରାପ୍ତି। ବନ୍ଧୁ ସହଯୋଗ ପାଇପାରନ୍ତି। ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ କର୍ମକ୍ଷେତ୍ର ଓ ବ୍ୟବସାୟରେ ସଫଳତା ପ୍ରାପ୍ତି ହେବ।
ପ୍ରତିକାର: ରୁଦ୍ରାଷ୍ଟକ ପାଠ କରନ୍ତୁ।

**ମିଥୁନ**
ରବିବାର ପାରିବାରିକ ଅଶାନ୍ତି ସୃଷ୍ଟି ହେବ। ସୋମବାର ଓ ମଙ୍ଗଳବାର ଅତୀତର କର୍ମ ନେଇ ପଶ୍ଚାତାପ୍ କରିବେ। ବୁଧବାର ଓ ଗୁରୁବାର ଲୋକସମ୍ପର୍କ ବୃଦ୍ଧିଘଟିବ। ମହିଳା ଓ ବିଦ୍ୟାର୍ଥୀ ରୁଚିଶୀଳ ହେବେ। ଶୁକ୍ରବାର ଓ ଶନିବାର ପ୍ରତିଷ୍ଠାଯୁକ୍ତ ହେବେ। ବ୍ୟବସାୟ ଓ ବାଣିଜ୍ୟରେ ଆୟ ବୃଦ୍ଧିହେବ।
ପ୍ରତିକାର: ଗଣେଶଙ୍କୁ ପୂଜା କରନ୍ତୁ।

**କର୍କଟ**
ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ସମୟ ଅନୁକୂଳ ରହିବ। ଆର୍ଥିକ ସମୃଦ୍ଧି ହେବ। ବୁଧବାର ଓ ଗୁରୁବାର ଦୁର୍ଘଟଣାଜନିତ ସମସ୍ୟା ଦେଖାଦେବ। ଶାରୀରିକ ଅସୁସ୍ଥତା ଦେଖାଦେବ। ଶୁକ୍ରବାର ଓ ଶନିବାର ଯୋଜନାନୁସାରେ କାର୍ଯ୍ୟକରି ସାଫଲ୍ୟତା ପାଇବେ।
ପ୍ରତିକାର: ଓଁ ହ୍ରିଂ ଓଁ ମନ୍ତ୍ର ଜପ କରନ୍ତୁ।

**ସିଂହ**
ରବିବାର ଓ ସୋମବାର ସନ୍ତାନହେତୁକ ଗର୍ବ ଅନୁଭବ କରିବେ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ସମୟ ଆପଣଙ୍କୁ ସଫଳତା ପ୍ରଦାନ କରିବ। ଶୁକ୍ରବାର ଓ ଶନିବାର ସାବଧାନତା ଅବଲମ୍ବନୀୟ। ଦ୍ରବ୍ୟ ଚୋରି ହୋଇପାରେ।
ପ୍ରତିକାର: ଆଦିତ୍ୟ ହୃଦୟ ସ୍ତୋତ୍ର ପାଠକରି ଜଳଦାନ କରନ୍ତୁ।

**କନ୍ୟା**
ରବିବାର ପାରିବାରିକ ଅଶାନ୍ତି ଦେଖାଦେଇପାରେ। ସୋମବାର ଓ ମଙ୍ଗଳବାର କାର୍ଯ୍ୟରେ ସ୍ଥିରତା ପ୍ରାପ୍ତି। ବୁଧବାର ଓ ଗୁରୁବାର ଲାଭବାନ ହେବେ। ଶୁକ୍ରବାର ଓ ଶନିବାର ନୂତନ କାର୍ଯ୍ୟାରମ୍ଭ କରିବେ। ପାରିବାରିକ ଶାନ୍ତି ପାଇବେ।
ପ୍ରତିକାର: ଓଁ ଳଂ ଲଜ୍ଜାତାଭ୍ୟଂ ମନ୍ତ୍ର ଜପ କରନ୍ତୁ।

**ତୁଳା**
ରବିବାର ଆତ୍ମନିର୍ଭରଶୀଳ ହେବେ। ସୋମବାର ଓ ମଙ୍ଗଳବାର ଜଗିରହି ଚଳିବା ଆବଶ୍ୟକ। ବୁଧବାର ଓ ଗୁରୁବାର କାର୍ଯ୍ୟ ସିଦ୍ଧି ହେବ। ପୈତୃକ ସମ୍ପତ୍ତିରୁ ଲାଭବାନ ହେବେ। ଶୁକ୍ରବାର ଓ ଶନିବାର ଆର୍ଥିକ ଉନ୍ନତି ହେବ।
ପ୍ରତିକାର: ଓଁ ନମଃଶିବାୟ ମନ୍ତ୍ର ଜପକରି ଜଳାଧିବାସ କରନ୍ତୁ।

**ବିଛା**
ରବିବାର ସ୍ଥିରଚିତ୍ତ ହୋଇ କାର୍ଯ୍ୟ କରିବେ। ସୋମବାର ମଙ୍ଗଳବାର ଉଦ୍ୟମେ କାର୍ଯ୍ୟ ସିଦ୍ଧି। ବୁଧବାର ଓ ଗୁରୁବାର ଜଗିରହି ଚଳିବେ। ଶୁକ୍ରବାର ଓ ଶନିବାର ଶତ୍ରୁଠାରୁ ଦୂରେଇ ରହିବା ଭଲ। ଦାମ୍ପତ୍ୟ ଜୀବନରେ କଳହ ହୋଇପାରେ।
ପ୍ରତିକାର: ଓଁ ହଂ ପବନ ନନ୍ଦନାୟ ସ୍ୱାହା ମନ୍ତ୍ର ଜପ କରନ୍ତୁ।

**ଧନୁ**
ରବିବାର ଓ ସୋମବାର କର୍ମାନୁରୂପ ଫଳ ପ୍ରାପ୍ତି ହେବ। ମଙ୍ଗଳବାର ଓ ବୁଧବାର ଉଚ୍ଚପଦସ୍ଥ ଅଧିକାରୀଙ୍କଠାରୁ ବିପଦ ଦେଖାଦେଇପାରେ। ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ମଧ୍ୟମ ଫଳ ପ୍ରାପ୍ତି ହେବ। ଲାଞ୍ଚ ମିଛଠାରୁ ଦୂରେଇ ରହିବା ଭଲ।
ପ୍ରତିକାର: ମା'ତାରାଙ୍କ କବଚ ପାଠ କରନ୍ତୁ।

**ମକର**
ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ କାର୍ଯ୍ୟରେ ସହଯୋଗ ପ୍ରାପ୍ତି ହେବ। ବିବେକ ଅନୁମୋଦିତ କାର୍ଯ୍ୟ କରି ପ୍ରଶଂସିତ ହେବେ। ବୁଧବାରଠାରୁ ଗୁରୁବାର ଦେବଦର୍ଶନରେ ଆନନ୍ଦ ପାଇବେ। ଶୁକ୍ରବାର ଓ ଶନିବାର ବନ୍ଧୁ ସହଯୋଗ ପ୍ରାପ୍ତି ହେବ।
ପ୍ରତିକାର: ଶ୍ରୀ ଶିବ ସହସ୍ର ନାମ ପାଠ ସହ ଜଳାଧିବାସ କରନ୍ତୁ।

**କୁମ୍ଭ**
ରବିବାର ଓ ସୋମବାର ଜଗିରହି ଚଳିବେ। ମାନସିକ ଦୁଃଶ୍ଚିନ୍ତା ଦେଖାଦେଇପାରେ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଶୁକ୍ରବାରଠାରୁ ଶନିବାର କୌଣସି କଥାରେ ଅଯଥା ହସ୍ତକ୍ଷେପ କରନ୍ତୁ ନାହିଁ। ବିପଦରେ ପଡ଼ିପାରନ୍ତି।
ପ୍ରତିକାର: ରୁଦ୍ରାଷ୍ଟକ ପାଠ କରନ୍ତୁ।

**ମୀନ**
ରବିବାରଠାରୁ ମଙ୍ଗଳବାର କାର୍ଯ୍ୟରେ ସଫଳତା ଲାଭ କରିବେ। ବୁଧବାର ଓ ଗୁରୁବାର କର୍ମକ୍ଷେତ୍ରରେ ସଫଳତା ଓ ଧନଲାଭ ହେବ। ଶୁକ୍ରବାର ଓ ଶନିବାର ମଧ୍ୟମ ସଫଳତା ଲାଭ ହେବ। ଆପଣଙ୍କ ବ୍ୟକ୍ତିତ୍ୱ ଆପଣଙ୍କର ଭୂଷଣ ହେବ।
ପ୍ରତିକାର :ଓଁ ନାରାୟଣ ବିଦ୍ମହେ ବାସୁଦେବାୟ ଧୀମହି ତନ୍ନୋ ବିଷ୍ଣୁ ପ୍ରଚୋଦୟାତ୍ ମନ୍ତ୍ର ଜପ କରଣୀୟ।

ସଂସ୍କୃତି ଓ ପର୍ଯ୍ୟଟନ

# ମା’ ଘଣ୍ଟେଶ୍ୱରୀ ପୀଠ

ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସମ୍ବଲପୁର ନିଜର ସାତ୍ୟନ୍ତ୍ରତା ବହନ କରେ। ଅନେକ ବିଶ୍ୱପ୍ରସିଦ୍ଧ ସ୍ଥାନ ରହିଥିବାବେଳେ ବର୍ଷକୁ ହଜାର ହଜାର ଦର୍ଶକ କେବଳ ପର୍ଯ୍ୟଟନ ଉଦ୍ଦେଶ୍ୟରେ ନୁହେଁ ବରଂ ଏଠାକର କଳା, ସାହିତ୍ୟ, ସଂସ୍କୃତିର ସୁମହାନତାକୁ ଜାଣିବାକୁ ଆସିଥାନ୍ତି। ସମ୍ବଲପୁର ଜିଲ୍ଲାର ଶାନ୍ତ ସ୍ନିଗ୍ଧ ପ୍ରାକୃତିକ ପରିବେଶ ମଧ୍ୟରେ ମା’ ଘଣ୍ଟେଶ୍ୱରୀ ପୀଠ ଅବସ୍ଥିତ। ମହାନଦୀ କୂଳେ ପାହାଡ଼ଘେରା ସବୁଜ ବନାନୀ ପ୍ରକୃତିର ମନଭୁଲାଣିଆ ରୂପ ପର୍ଯ୍ୟଟକମାନଙ୍କର ମନକୁ ମୋହିନିଏ। ଏହାର ଏକ ପାର୍ଶ୍ୱରେ ମହାନଦୀ ଅନ୍ୟପଟରେ ଚିପିଲିମା ହାଇଡ୍ରୋ ପାୱାର ପ୍ଲାଣ୍ଟ୍ କେନାଲର ନିର୍ମଳ ସ୍ୱଚ୍ଛ ଜଳରାଶି ପ୍ରକୃତିର ଅପୂର୍ବ ଅବଦାନ। ମା’ଙ୍କ ମନ୍ଦିରର ଚାରିପଟେ ବନ୍ଧା ଯାଇଥିବା ହଜାର ହଜାର ଭକ୍ତମାନଙ୍କର ମାନସିକ ଘଣ୍ଟିର ରୁଣୁଝୁଣୁ ଶବ୍ଦରେ ଭକ୍ତମାନଙ୍କ ମନରେ ସୃଷ୍ଟି କରିଥାଏ ଭକ୍ତିଭାବ। ମା’ଙ୍କ ମହିମା ଉପରେ ଭକ୍ତମାନଙ୍କର ରହିଛି ଅଖଣ୍ଡ ବିଶ୍ୱାସ। ମନୋସ୍କାମନା ପୂର୍ଣ୍ଣ ହେଲେ ଭକ୍ତମାନେ ଏଠାରେ ବାନ୍ଧି ଦିଅନ୍ତି ଘଣ୍ଟି । ସେଥିପାଇଁ ମା’ ଙ୍କର ନାମ ଏହାର ଅବସ୍ଥିତି ପର୍ଯ୍ୟଟକଙ୍କୁ ଘଣ୍ଟେଶ୍ୱରୀ ରଖାଯାଇଛି। ଘଞ୍ଜଙ୍ଗଲ ମଧ୍ୟରେ ଥିବା ମା’ଙ୍କର ମନ୍ଦିର ଅନେକଙ୍କୁ ଆକୃଷ୍ଟ କରିଥାଏ।







## ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ

ମା’ ଘଣ୍ଟେଶ୍ୱରୀ ପୀଠ ଭ୍ରମଣ କରିବା ପରେ ମା’ ସମଲେଶ୍ୱରୀ ମନ୍ଦିର ସହ ହୁମାର ବକ୍ର ମନ୍ଦିର, ବୁଢ଼ାରାଜା ଓ ହୀରାକୁଦ ଡ୍ୟାମ୍ ପର୍ଯ୍ୟଟକମାନେ ଦେଖି ପାରିବେ। ଯେଉଁମାନେ ଆସିବାକୁ ମନସ୍ଥ କରନ୍ତି, ନିଶ୍ଚୟ ସେମାନେ ଏହିସବୁ ସ୍ଥାନ ବୁଲିବାକୁ ଯୋଜନା କରି ଆସିଥାନ୍ତି।

### ମା’ ସମଲେଶ୍ୱରୀ ପୀଠ:

ମହାନଦୀ କୂଳରେ ଅବସ୍ଥିତ ଥିବା ମା’ ସମଲେଶ୍ୱରୀ ପୀଠରେ ଅନେକ ଜନସମାଗମ ଦେଖିବାକୁ ମିଳେ। ପ୍ରାୟ ପ୍ରତ୍ୟେକଦିନ ଏଠାକୁ ହଜାର ହଜାର ଭକ୍ତ ମା’ଙ୍କୁ ଦର୍ଶନ ନିମନ୍ତେ ଆସିଥାନ୍ତି। ସମ୍ବଲପୁରରେ ମା’ ସମ୍ବଲେଶ୍ୱରୀ ଆରାଧ୍ୟା ଦେବୀ ଭାବରେ କାହିଁ କେଉଁ କାଳରୁ ପୂଜା ପାଇଆସୁଛନ୍ତି। ଏହି ପୀଠରେ ବର୍ଷର ଅନେକ ସମୟରେ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୁଏ। ବିଶେଷକରି ନୂଆଖାଇ ସମୟରେ ମା’ ସମଲେଶ୍ୱରୀଙ୍କୁ ଚାଷୀଙ୍କ ନବ କୃଷିଜାତ ଦ୍ରବ୍ୟ ଅର୍ପଣ କରାଯାଇଥାଏ।

### ହୁମାର ବକ୍ର ମନ୍ଦିର:

ସମ୍ବଲପୁର ଷ୍ଟେସନ୍ ଠାରୁ ଏହି ଏହାର ଦୂରତା ମାତ୍ର ୧୫-୨୦ କିମି। ଏହି ମନ୍ଦିର ସାମାନ୍ୟ ଢଳି ପଡ଼ି ବକ୍ର ଦେଖାଯାଉଥିବାରୁ ଏହାକୁ ବକ୍ର ମନ୍ଦିର କୁହାଯାଏ । ଏଠାରେ ଥିବା ଏକ ଏକ ସୁନ୍ଦର ପୁଷ୍କରିଣୀର ଜଳରେ ମାଛ ଖେଳୁଥିବା ଦୃଶ୍ୟ ଅନ୍ୟତମ ଆକର୍ଷଣ। ହୁମାରେ ଥିବା ଏହି ବକ୍ର ମନ୍ଦିର ଅନେକ ବିଦେଶୀ ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷିତ କରିଥାଏ। ଏହି ବକ୍ର ପଛରେ ଅନେକ କାରଣ ମଧ୍ୟ ଅନେକ ଗବେଷକ ଖୋଜିବା ଦେଖାଯାଇଥାଏ।



### ବୁଢ଼ାରାଜା:

ପାହାଡ଼ ଉପରେ ରହିଛି ବୁଢ଼ାରାଜା ମନ୍ଦିର। ମନ୍ଦିର ନିକଟକୁ ଯିବାପାଇଁ ପାହାଚ ଚଢ଼ି ଯିବାକୁ ପଡ଼ିଥାଏ। ପାହାଚ ଚଢ଼ି ନପାରିଲେ ଯାନବାହନ ଯୋଗେ ମନ୍ଦିରକୁ ଯିବା ପାଇଁ ରାସ୍ତା ମଧ ଅଛି । ପାହାଡ଼ ଉପରୁ ସମ୍ପୂର୍ଣ୍ଣ ଦୃଶ୍ୟମାନ ହୁଏ ସମ୍ବଲପୁର ସହର ଓ ତା’ର ଆଖପାଖ ଅଞ୍ଚଳ ଯାହା ଅତୀବ ମନୋମୁଗ୍ଧକର।



### ହୀରାକୁଦ ଡ୍ୟାମ:

ଭାରତର ସର୍ବବୃହତ ହୀରାକୁଦ ଡ୍ୟାମ୍ ପର୍ଯ୍ୟଟକମାନେ ଦେଖିପାରିବେ। ଏହା ସମ୍ବଲପୁର ସହରଠାରୁ ମାତ୍ର ୧୦ କି.ମି. ଦୂରରେ ଅବସ୍ଥିତ। ଏଠାକାର ସୂର୍ଯ୍ୟାସ୍ତ ଦୃଶ୍ୟ ଖୁବ୍ ନିଆରା। ପାହାଡ଼ ଉପରେ ଥିବା ଗାନ୍ଧିମୀନାର ତଳେ କୃତ୍ରିମ ଝରଣା ଓ ଫୁଲ ବଗିଚା ଅତ୍ୟନ୍ତ ମନୋଲୋଭା ଅଟେ। ଯେଉଁମାନେ ବୁଲିବାକୁ ଏଠାକୁ ଆସିଥାନ୍ତି, ଏଠାକାର ଶୋଭାରାଜି ସେମାନଙ୍କୁ ବାରମ୍ବାର ଆସିବାକୁ ଆକର୍ଷିତ କରିଥାଏ।

### ଉଷାକୋଠି:

ଏହା ବ୍ୟତୀତ ଆଉ ଏକ ଭ୍ରମଣଯୋଗ୍ୟ ସ୍ଥାନ ରହିଛି। ଯେଉଁମାନେ ସମ୍ବଲପୁର ଆସିଥିବେ, ନିଶ୍ଚିତ ଏହି ସ୍ଥାନକୁ ନଯାଇ କେବେ ଫେରିଯିବେ ନାହିଁ। ଉଷାକୋଠି ସମ୍ବଲପୁରଠାରୁ ୪୮ କି.ମି. ଦୂରରେ ଅବସ୍ଥିତ। ଏହା ଏକ ଅଭୟାରଣ୍ୟ। ଅନେକ ପ୍ରଜାତିର ଗଛବୃଛ, ଜଙ୍ଗଲ ସହିତ ଅନେକ ବନ୍ୟପ୍ରାଣୀଙ୍କୁ ଦେଖିବାକୁ ମିଳିଥାଏ।

### କିପରି ଯିବେ:

ମା’ ଘଣ୍ଟେଶ୍ୱରୀ ମନ୍ଦିର ସମ୍ବଲପୁର ସହରଠାରୁ ୩୩ କି.ମି. ଦୂରରେ ଅବସ୍ଥିତ। ଓଡ଼ିଶାର ସମସ୍ତ ସହରରୁ ସମ୍ବଲପୁର ସହରକୁ ଗମନାଗମନର ସୁବିଧା ରହିଛି।



ଭୁବନେଶ୍ୱର ଓ କଟକରୁ ପ୍ରତିଦିନ ସମ୍ବଲପୁରକୁ ବସ୍ ଓ ଟ୍ରେନ୍‌ର ସୁବିଧା ଉପଲବ୍ଧ। ସମ୍ବଲପୁରରେ ପହଞ୍ଚିବା ପରେ ସେଠାରୁ ବରଗଡ଼ ରାସ୍ତାରେ ପଡ଼ିବ ଗୋଶାଳା ଛକ। ସେଠାରୁ ବାମପଟ ରାସ୍ତାରେ ୧୫ କି.ମି. ଯିବା ପରେ ପଡ଼େ ମା’ ଘଣ୍ଟେଶ୍ୱରୀ ପୀଠ।

### କେଉଁଠି ରହିବେ:

ବିଶେଷକରି ଯେଉଁମାନେ ଏହି ସ୍ଥାନକୁ ଆସିଥାନ୍ତି, ସମ୍ବଲପୁରରେ ରହିବାକୁ ସ୍ଥିର କରିଥାନ୍ତି। ପର୍ଯ୍ୟଟକମାନେ ରହିବା ନିମନ୍ତେ ସହରରେ ବହୁ ଛୋଟ ବଡ଼ ହୋଟେଲ ରହିଛି। ନିଜର ଚାହିଦା ମୁତାବକ ରହଣି ସହିତ କମ୍ ଖର୍ଚ୍ଚରେ ମଧ୍ୟ ବୁଲାବୁଲି କରିବା ତଥା ଖାଦ୍ୟପେୟ ଗ୍ରହଣ କରିବା ପାଇଁ ଏହି ସହରଟି ବେଶ ଉପଯୁକ୍ତ।

ମନୋରଞ୍ଜନ

# କ୍ରିସ୍‌ମାସ୍‌ରେ ରିଲିଜ ହେବ 'ନୋ ଏଣ୍ଟ୍ରି-୨'





୨୦୦୫ରେ ରିଲିଜ ହୋଇଥିଲା ଅନିସ୍ ବଜ୍‌ମୀଙ୍କ ଫିଲ୍ମ 'ନୋ ଏଣ୍ଟ୍ରି'। ଅନେକ ସମୟ ହେଲା ଏହାର ସିକ୍ୱେଲ୍ ଚର୍ଚ୍ଚାର ପରିସରରେ ରହିଛି ଯେଉଁଥିରେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ବରୁଣ ଧୱନ, ଅର୍ଜୁନ କପୁର ଓ ଦିଲଜିତ୍ ଦୋସାଂଝ। କିନ୍ତୁ ଡେଟ୍ସ ସମସ୍ୟା କାରଣରୁ ଅଧାରୁ ଫିଲ୍ମଟିକୁ ଛାଡ଼ି ଦେଇଥିଲେ ଦିଲ୍‌ଜିତ୍ ଯାହାର ପୁଷ୍ଟି କରିସାରିଛନ୍ତି ନିର୍ମାତା ବୋନୀ କପୁର। ତେବେ ଗୋଟିଏ ପାର୍ଶ୍ୱରେ ଦିଲଜିତ୍‌ଙ୍କ ପରିବର୍ତ୍ତେ ଅନ୍ୟ କଳାକାରଙ୍କୁ ଖୋଜା ଯାଉଥିବା ବେଳେ ଅନ୍ୟ ଦିଗରେ ଫିଲ୍ମର ରିଲିଜ ତାରିଖ ବିଷୟରେ ଘୋଷଣା କରାଯାଇଛି। ଏହି ଖବର ଅନୁସାରେ ୨୦୨୬ର କ୍ରିସ୍‌ମାସ୍ ଅବସରରେ ଫିଲ୍ମଟିକୁ ରିଲିଜ କରାଇବା ପାଇଁ ନିର୍ମାତାମାନେ ଚିନ୍ତା କରିଛନ୍ତି ଯେଉଁଥିରେ ମୁଖ୍ୟ ତିନି ଜଣ କଳାକାରଙ୍କର ରହିଛି ଡବଲ୍ ରୋଲ୍। 'ନୋ ଏଣ୍ଟ୍ରି' କଥା ଯଦି କୁହାଯାଏ ତେବେ ସେଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ସଲମାନ୍ ଖାନ, ଅନିଲ୍ କପୁର, ଫାର୍‌ଦିନ ଖାନ, ଲାରା ଦତ୍ତ ଓ ସେଲିନା ଜେଟ୍‌ଲୀ। ଫିଲ୍ମଟି ସେ ସମୟରେ ସୁପରହିଟ୍ ହୋଇଥିଲା। ବର୍ତ୍ତମାନ 'ନୋ ଏଣ୍ଟ୍ରି-୨'ର ଷ୍ଟାର୍‌କାଷ୍ଟ ଦର୍ଶକମାନଙ୍କୁ ଆକର୍ଷିତ କରିବ କି ନାହିଁ ତାହା ଫିଲ୍ମଟି ରିଲିଜ ହେବା ପରେ ଜଣାପଡ଼ିବ। ତେବେ ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ବରୁଣଙ୍କ ହାତରେ ରହିଛି ସନି ସଂସ୍କାରୀ କି ତୁଲ୍‌ସୀ କୁମାରୀ, ବର୍ଡର୍-୨, ହେ ଯୱାନୀ ତୋ ଇସ୍କ ହୋନା ହେ, ଭେଡିୟା-୨ ଆଦି ଫିଲ୍ମ। ଏହା ପୂର୍ବରୁ ଅର୍ଜୁନ ଏ ବର୍ଷ ରିଲିଜ ହୋଇଥିବା ଫିଲ୍ମ 'ମେରେ ହସ୍‌ବ୍ୟାଣ୍ଡ୍ କି ବିୱି'ରେ ନଜର ଆସିଥିଲେ।





# 'ଚ୍ୟାଲେଞ୍ଜ' ପାଇଁ ପ୍ରଚାର ଆରମ୍ଭ

## ଟ୍ରେଣ୍ଡିଂରେ ଅଛି ଭାଙ୍ଗ ଗୀତ

ଦଶହରାରେ ମୁକ୍ତିଲାଭ କରିବ ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନର୍‌ର ଷଷ୍ଠ ଅବଦାନ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'। ତେବେ ଅଗ୍ରପୂଜ୍ୟ ଗଣେଶଙ୍କ ଆଶୀର୍ବାଦ ନେଇ ଓଡ଼ିଆ ସଂଘ ସହିତ ମିଶି ଟିମ୍ ଫିଲ୍ମର ପ୍ରଚାର ଓ ପ୍ରସାର ଆରମ୍ଭ କରିଛି ସୁଦୂର ବାଙ୍ଗାଲୋର ଠାରୁ। ଏହାପରେ ନୟାପଲ୍ଲୀ ସ୍ଥିତ ନୂଆସାହି ଗଣେଶ ମହୋତ୍ସବ ମଣ୍ଡପରେ ନାୟକ ଅର୍ଦ୍ଧେନ୍ଦୁ ସାହୁ ଓ ଚୁଲବୁଲି ନାୟିକା ଏଲିନା ସାମନ୍ତରାୟଙ୍କ ସମେତ ଏହାର କ୍ରିଏଟିଭ ହେଡ୍ ଓ ପ୍ରଡକ୍ସନ୍ ଡିଜାଇନର୍ ମିଳନ କୁମାର ଅଗ୍ରପୂଜ୍ୟ ଗଣେଶଙ୍କର ଆଶୀର୍ବାଦ ନେବା ସହ ଉପସ୍ଥିତ ଭକ୍ତମାନଙ୍କୁ ଦଶହରାରେ ଏହି ଫିଲ୍ମଟିକୁ ଦେଖିବା ପାଇଁ ଅନୁରୋଧ କରିଥିଲେ। ଆଖଣ୍ଡଳମଣି ସେବା ସଦନ ତରଫରୁ ଏହାର ଟିମ୍‌କୁ ଶୁଭେଚ୍ଛା ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ନିକଟରେ ମୁକ୍ତିଲାଭ କରିଥିବା ଭାଙ୍ଗ ଗୀତରେ ରିଲ୍ସ କରି ଅଧିକ ଭିଉ ଥିବା ଇନ୍‌ଷ୍ଟା ଆଇଡିକୁ ଆକର୍ଷଣୀୟ ପୁରସ୍କାର ସହ ପ୍ରିମିୟର ଦିନ ଚଳଚ୍ଚିତ୍ର କଳାକାରମାନଙ୍କ ସହିତ ଫିଲ୍ମ ଦେଖିବାର ସୁଯୋଗ ଦିଆଯିବ ବୋଲି ଘୋଷଣା କରିଛି ଏହାର ଟିମ୍। ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଅଭିନୀତ ଫ୍ୟାମିଲି ଡ୍ରାମା 'ଚ୍ୟାଲେଞ୍ଜ'ରେ ରହିଛି ଜବରଦସ୍ତ ଆକ୍ସନ୍ ଦୃଶ୍ୟ। ତେବେ ଚଳଚ୍ଚିତ୍ରରେ କିଛି ନୂଆ କରିବା ପାଇଁ 'ମହାଭାରତ'ର ପୁନିତ ଇସର୍‌ଙ୍କୁ ଏକ ବଳିଷ୍ଠ ଚରିତ୍ରରେ ନେଇଛନ୍ତି ନିର୍ମାତାମାନେ। ଏହା ସହିତ ଏଥିରେ ନଜର ଆସିବେ 'ଜାଇଫୁଲ' ଗୀତର ଯୋଡି ପୁପିନ୍ଦର ସିଂ ଓ ଲିପି ମହାପାତ୍ର। ଯୁବ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଏଥର ଦଶହରାରେ ଦେଖନ୍ତୁ ଫିଲ୍ମ 'ଚ୍ୟାଲେଞ୍ଜ'।

# 'ସାର୍'ର ସଂକ୍ଷିପ୍ତ କାହାଣୀ

କମାଲ୍ ସିନେପ୍ରଡକ୍ସନ୍ ବ୍ୟାନର୍ ଅନ୍ତର୍ଗତ ନିର୍ମିତ ହେଉଛି ଫିଲ୍ମ 'ସାର୍' ଯାହାର ପ୍ରଯୋଜନା, କାହାଣୀ ଓ ସଂଳାପ ଲେଖିଛନ୍ତି ଡକ୍ଟର କମଲ୍ ଲୋଚନ ସାହୁ। ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି କେଶବ ମଲ୍ଲିକ। ଏହାର ମ୍ୟୁଜିକ୍ ଦେଇଛନ୍ତି ଆରୋହୀ ଅଜିତା ଓ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମଦାର, ଅନନ୍ୟା ଶ୍ରୀତମ ଦାସ, ସୌମ୍ୟଜିତ ସାମନ୍ତରାୟ ଆଦି କଣ୍ଠଶିଳ୍ପୀମାନେ। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅଭିଷେକ ରଥ, ଅର୍ଲିନ୍ ଅଙ୍କିତା। ତାଙ୍କ ସହିତ ଏଥିରେ ନଜର ଆସିବେ ସମରେଶ ରାଉତରାୟ, ଅଶ୍ରୁମୋଚନ ମହାନ୍ତି, ସମୀତା ମହାନ୍ତି, ସୁଶୀଲ୍ ମିଶ୍ର, ରିଷି ପଟ୍ଟନାୟକଙ୍କ ପରି କଳାକାରମାନେ। ତେବେ ଫିଲ୍ମଟି ସିନେମା ଘରଗୁଡ଼ିକରେ ରିଲିଜ ହେବା ପାଇଁ ପ୍ରସ୍ତୁତ ହୋଇ ରହିଛି।

କାହାଣୀ-ଶିକ୍ଷକତା ଏକ ବୃତ୍ତି ନୁହେଁ, ଏହା ହେଉଛି ଏକ ସେବା। ଏହି କଥାକୁ ପାଥେୟ କରି ଚାଲୁଛନ୍ତି ଶିକ୍ଷକ ଅଗଣି ମହାନ୍ତି। ସ୍କୁଲ୍‌କୁ ଆସୁ ନଥିବା ବା ପାଠ ଛାଡ଼ି ଘରେ ରହୁଥିବା ପିଲାମାନଙ୍କୁ ଖୋଜି ଖୋଜି ଆଣିବା ହେଉଛି ତାଙ୍କର ଏକ ନିଶା। ଏହି ପ୍ରୟାସ ମଧ୍ୟରେ ରମେଶ ଛୋଟରାୟ ଓ ମୂରଲୀ ମୋହନ ନାୟକ, ଅଗଣି ସାର୍‌ଙ୍କ ଚେଷ୍ଟାରେ ଭଲ ପାଠପଢ଼ି ଉଚ୍ଚ ପଦବୀ ପ୍ରାପ୍ତ ହୁଅନ୍ତି। ତେବେ ପୂର୍ବରୁ ଅଗଣି ସାର୍‌ଙ୍କ ପାଖରୁ ନେଇଥିବା ଉଧାର ଟଙ୍କା ଫେରାଇବାକୁ ରମେଶ ଯାଆନ୍ତି ଅଗଣି ସାର୍‌ଙ୍କ ଗାଁକୁ। କିନ୍ତୁ ତାଙ୍କ ପୁଅ-ବୋହୂ ଅଗଣି ସାର୍‌ଙ୍କୁ ଘରୁ ବାହାର କରିଦେଇଥାନ୍ତି ଓ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରନ୍ତି ରମେଶ। ତାଙ୍କୁ ଚିକିତ୍ସା କରି ନିଜ ଘରକୁ ସେ ନେଇ ଆସନ୍ତି। ତେବେ ଏକ ଦୁର୍ନୀତି ମାମଲାରେ ରମେଶ ଫସିଥିବା ବେଳେ ତାଙ୍କୁ ଉଦ୍ଧାର କରନ୍ତି ଅଗଣି ସାର୍ ଓ ପିଲାଦିନର ସାଥି ମୂରଲୀ ମୋହନ। ଶେଷରେ ଅଗଣି ସାର୍ ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନିତ ହୁଅନ୍ତି ଯେଉଁ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଆନ୍ତି ଅନେକ ପୁରୁଣା ଛାତ୍ରଛାତ୍ରୀ।



# ଅତିଥି ବିଚାରକ ରଞ୍ଜିତ ବେଦୀ

ରାଜ୍ୟର ଅନନ୍ୟ ପ୍ରତିଭାଙ୍କୁ ଖୋଜିବାର ଏକ ପ୍ରୟାସ ରିୟଲିଟି ଶୋ' 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍'। ମୁମ୍ବାଇ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ବରିଷ୍ଠ କଳାକାରଙ୍କୁ ନେଇ ଶୋ'ଟିକୁ ଅଧିକ ଆକର୍ଷଣୀୟ କରିବାକୁ ଚେଷ୍ଟା କରୁଛନ୍ତି ଏହାର ନିର୍ମାତାମାନେ। ଏହା ପୂର୍ବରୁ ପୁନିତ ଇସର୍, ହିମାନୀ ଶିବପୁରୀଙ୍କ ପରି କଳାକାରମାନେ ଆସି ଶୋ'ଟିକୁ ଅଧିକ ମନୋରଞ୍ଜନଧର୍ମୀ କରାଇଥିବା ବେଳେ ଏହି କ୍ରମରେ ଅତିଥି ବିଚାରକ ଭାବେ ଯୋଗ ଦେଇଥିଲେ ଅଭିନେତା ତଥା ପ୍ରଖ୍ୟାତ ଖଳନାୟକ ରଞ୍ଜିତ ବେଦୀ।



ରାଜ୍ୟର କୋଣ ଅନୁକୋଣରେ ଥିବା ପ୍ରତିଭାଶାଳୀ କଳାକାରଙ୍କୁ ଚୟନିତ କରିବା ପାଇଁ ଜୀ ସାର୍ଥକ ଯେଉଁ ପ୍ଲାଟ୍‌ଫର୍ମ ଆରମ୍ଭ କରିଛି ସେଥିପାଇଁ ଚ୍ୟାନେଲ୍‌କୁ ସେ ଦେଇଥିଲେ ସାଧୁବାଦ। ରଞ୍ଜିତ କହିଥିଲେ- 'ପରିଶ୍ରମ କଲେ ନିଶ୍ଚିତ ଭାବେ ଜଣେ ଜଣେ ସୁପ୍ରତିଷ୍ଠିତ କଳାକାର ହୋଇପାରିବ। ଦେଶରେ ଚାଲିଥିବା ରିୟଲିଟି ଶୋ'ଗୁଡ଼ିକ ମଧ୍ୟରୁ ଜୀ ସାର୍ଥକର ଏହି ରିୟଲିଟି ଶୋ'ଟି କୌଣସି ଗୁଣ ବା ମାନରେ କମ୍ ନୁହେଁ। ଏହାଦ୍ୱାରା ଯୁବପିଢ଼ି ମନୋରଞ୍ଜନ ଦୁନିଆ ପ୍ରତି ଆକର୍ଷିତ ହୋଇ ଏହାକୁ ନିଜର କ୍ୟାରିୟର୍ ଭାବରେ ଗ୍ରହଣ କରିବା ପାଇଁ ଇଚ୍ଛା ପ୍ରକାଶ କରିବେ।' ତେବେ ଏହି ରିୟଲିଟି ଶୋ'ରେ ଓଲିଉଡ୍‌ର ସୁପରଷ୍ଟାର୍ ଶ୍ରୀତମ, ଲିପି ଏବଂ ନମ୍ରତା ଥାପା ବିଚାରକ ଥିବାବେଳେ ଏହାର ଉପସ୍ଥାପନା ଦାୟିତ୍ୱ ତୁଲାଉଛନ୍ତି ଅଭିନେତ୍ରୀ ଅନନ୍ୟା ଏବଂ ଅଭିନେତା ରଞ୍ଜନ। ପ୍ରତ୍ୟେକ ଶନିବାର ଓ ରବିବାର ରାତି ୯:୩୦ରୁ କେବଳ ଜୀ ସାର୍ଥକରେ ଦର୍ଶକମାନେ ଏହି ଶୋ'ଟିକୁ ଦେଖିପାରିବେ।

# 'ଜଲ୍‌ସା'ର ଜଲୱା



ବର୍ତ୍ତମାନ ସବୁଆଡ଼େ ଦେଖିବାକୁ ମିଳୁଛି 'ଜଲ୍‌ସା'ର ଜଲୱା। ସବୁଆଡ଼େ ଏହି ଗୀତର ଫିଭର୍। ସାତରୁ ସତୁରି ଯାଏ ସମସ୍ତେ ମତୁଆଲା ଏହି ଗୀତରେ। ମେଲୋଡି ମଞ୍ଚରୁ ଆରମ୍ଭ କରି ପୂଜା ମଣ୍ଡପ ସବୁଠି ଏହି ଗୀତର ଧୂମ୍। ଏଥିପାଇଁ ଏ ସମୟରେ ଟ୍ରେଣ୍ଡିଂରେ ରହିଛି ଫିଲ୍ମ 'ମନ୍ତ୍ରମୁଗ୍ଧ' ଚଳଚ୍ଚିତ୍ରର ଏହି ଗୀତଟି। ମୁକ୍ତିଲାଭ କରିବା ପରଠାରୁ ଆଜିଯାଏ ୩,୫୦,୦୦୦ ଦର୍ଶକ ଦେଖିସାରିଲେଣି ଯାହାକୁ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଏକ ସର୍ବକାଳୀନ ରେକର୍ଡ ବୋଲି କୁହାଯାଇପାରେ। ତେବେ ଉଲ୍ଲେଖନୀୟ କଥାଟି ହେଉଛି 'ଜଲ୍‌ସା' ଗୀତ ଓଡ଼ିଆ ଚଳଚ୍ଚିତ୍ରର ସବୁଠୁ ଦାମୀ ବା ବ୍ୟୟବହୁଳ ଗୀତ ଯାହାର ନିର୍ମାଣ ପାଇଁ ଖର୍ଚ୍ଚ ହୋଇଛି ପାଖାପାଖି ୨୨ ଲକ୍ଷ ଟଙ୍କା। ଆଖି ଝଲସା ଆଲୋକ ସାଙ୍ଗକୁ ଅତ୍ୟାଧୁନିକ ଡ୍ୟାନ୍ସ ଫ୍ଲୋର୍ ଓ ଆକର୍ଷଣୀୟ ସେଟ୍ 'ଜଲ୍‌ସା'ର ଫିଭର୍‌କୁ ଦ୍ୱିଗୁଣିତ କରିଛି। ଯୁବ ବର୍ଗର ଶ୍ରୋତା ଓ ଦର୍ଶକ ଯାହାକୁ ନେଇ ସର୍ବାଧିକ ରିଲ୍ସ ବନଉଛନ୍ତି ସେହି ଗୀତର ପରିକଳ୍ପନା କରିଛନ୍ତି ଯୁବ ପ୍ରଯୋଜିକା ବର୍ଷା ପଟ୍ଟନାୟକ ଓ ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ଏଥିରେ ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ। ତେବେ ସାମ୍ପ୍ରତିକ ସମୟର ଚର୍ଚ୍ଚିତ ନୃତ୍ୟ ନିର୍ଦ୍ଦେଶକ ଅମିତ ଏହାର ନିର୍ଦ୍ଦେଶନା ଦାୟିତ୍ୱ ଉଠାଇଛନ୍ତି। ମନୋଜ କୁମାର ପଣ୍ଡା ରଚନା କରିଥିବା ଏହି ଗୀତରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଓ ଅନ୍ତରା ଚକ୍ରବର୍ତ୍ତୀ। ଗୀତଟି ସନୋଜ, ସୂର୍ଯ୍ୟମୟୀ, ସୌରଭ, ମନ୍ମୟ, ନିଶାନ୍ତ ଓ ପିହୁଙ୍କ ଉପରେ ରୂପାୟିତ ହୋଇଛି। ତେବେ ଆଗକୁ ଆସୁଛି ପାର୍ବଣ ଋତୁ ଓ ମେଲୋଡି ସିଜିନ୍। ଆଶା ପୂଜା ବଜାରରେ ଏହି ଗୀତଟି ଧମାଲ୍ ମଚେଇବ।



# ପିଲାଙ୍କୁ ଅଧିକ ସ୍ମାର୍ଟ କରାନ୍ତୁ ନାହିଁ








ଅନେକ ବାପାମାଆମାନେ ପିଲାଙ୍କୁ ଅଧିକ ଗେହ୍ଲା କରିବା ସହ ନିଜ ପିଲା କିଭଳି ଅଧିକ ସ୍ମାର୍ଟ ହେବ, ସେଇ ଚିନ୍ତାରେ ଥାଆନ୍ତି। ଅନ୍ୟମାନଙ୍କ ଆଗରେ ନିଜ ପିଲା କିଭଳି ସ୍ମାର୍ଟ ଭାବରେ କଥାବାର୍ତ୍ତା କରୁ କିମ୍ବା ଏହି ସ୍ମାର୍ଟ ହେବା ଦ୍ୱାରା ଅନ୍ୟମାନେ କିଭଳି ପ୍ରଶଂସା କରନ୍ତୁ, ଚାହିଁଥାନ୍ତି। ସେମିତି ଦେଖିବାକୁ ଗଲେ, ପିଲାମାନେ ସ୍ମାର୍ଟ ହେବା ଭଲ କଥା କିନ୍ତୁ ଅଧିକ ସ୍ମାର୍ଟ ହେବାଦ୍ୱାରା ସେମାନେ ଅନେକ ସମୟରେ ଗୁରୁଜନମାନଙ୍କୁ ମଧ୍ୟ ଅସମ୍ମାନ କରିଥାନ୍ତି କିମ୍ବା ଏଭଳି ବ୍ୟବହାର ପ୍ରଦର୍ଶନ କରିଥାନ୍ତି, ଯାହା ବରିଷ୍ଠ ଲୋକଙ୍କ ମନରେ ଆଘାତ ଦେଇଥାଏ। ପିଲାଙ୍କୁ ସ୍ମାର୍ଟ କରିବା ସହିତ ସେମାନଙ୍କୁ ନୀତିଗତ ଭାବରେ ଅନେକ କିଛି ଶିଖାଇବାର ଆବଶ୍ୟକତା ରହିଛି। ପିଲାମାନେ ସ୍ମାର୍ଟ ହେବା ସହିତ ଯଦି ଭଲ ମ୍ୟାନର ଶିଖାନ୍ତି, ତା'ହେଲେ ସେମାନେ ଗୁରୁଜନ ହୁଅନ୍ତୁ କିମ୍ବା ଯେକୌଣସି ବ୍ୟକ୍ତିଙ୍କୁ ସମ୍ମାନ ଦେଇ ଜାଣିବେ। ପିତାମାତାମାନେ କେବଳ ସ୍ମାର୍ଟ କରେଇ ଦେଲେ ହେବନାହିଁ ବରଂ ସେମାନଙ୍କୁ ଅନେକ କିଛି ଉପାଦେୟ କଥା ଶିଖାଇବାର ଅଛି। ଫଳରେ ସେମାନେ ନିଜକୁ ଗଢ଼ିବାକୁ ସୁଯୋଗ ପାଇବେ।

କ୍ୟାରିୟର

# ଖୋଜିବା ଓ ଜାଣିବା ଚାଲୁ ରଖନ୍ତୁ:






ଗୋଟିଏ ସଂସ୍ଥାରେ ଚାକିରି କରିବାକୁ ନେଇ ସନ୍ତୁଷ୍ଟ ହେବା ଅର୍ଥାତ ନିଜର ଗ୍ରୋଥ୍ ନଚାହିଁବା। ନିଜକୁ ଯଦି ଆଗକୁ ଯିବାର ଅଛି, ଗୋଟିଏ ସଂସ୍ଥାରେ ବାନ୍ଧି ହୋଇ ରହିବା ଉଚିତ ନୁହେଁ। ଗୋଟିଏ ସଂସ୍ଥାରେ ଅନେକ ଦିନ ଧରି କାମ କରିବା ଦ୍ୱାରା ସେଠାରେ ନିଜ କ୍ୟାରିୟରର ସେତିକି ଅଭିବୃଦ୍ଧି ହୋଇ ନଥାଏ। ଅଧିକ ଦିନ ରହିବା ଦ୍ୱାରା ଅନେକ ତିକ୍ତତା ମଧ୍ୟ ସୃଷ୍ଟି ହୁଏ। ତିକ୍ତତା ସହିତ ବ୍ୟକ୍ତିଗତ ଭାବରେ ଅନେକ ଶତ୍ରୁତା ମଧ୍ୟ ଆଚରଣ କରିଥାନ୍ତି। ଏଣୁ ଯଦି ଅନ୍ୟ କୌଣସି ସଂସ୍ଥାରେ ଚାକିରି ସୁଯୋଗ ଆସୁଛି, ସେଠାରେ ମଧ୍ୟ ଚେଷ୍ଟା କରିବା ଦରକାର। ଏଣୁ ଏହି ଅର୍ଥରେ ଖୋଜିବାକୁ ବନ୍ଦ କରିବା ଅନୁଚିତ। ସେହିପରି ସର୍ବଦା ନୂଆ ନୂଆ କଥା ଜାଣିବା ମଧ୍ୟ ଆଉ ଏକ ଭଲ ଅଭ୍ୟାସ। ନିଜକୁ ଯୁଗ ସହିତ ତାଳ ଦେଇ ଚାଲିବାକୁ ହେଲେ ଜାଣିବାର ଇଚ୍ଛା ରଖିବା ନିହାତି ଦରକାର। ଯାହା ନିଜ କ୍ୟାରିୟରକୁ ଆହୁରି ଅଧିକ ସହାୟକ ହୋଇପାରିବ।


# ଆଗକୁ ରହିବ ତ ଆଞ୍ଚଳିକ ଭାଷା !

ପଲ୍ଲବୀ ଦାସ

ବ୍ୟାସକବି ଫକୀର ମୋହନଙ୍କ ଭାଷାରେ- ଭାଷା ହିଁ ଜୀବନୀ ଶକ୍ତି ଜାତି ମାନଙ୍କର, ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର। ଭାଷା ଆମର ଅସ୍ମିତା, ଭାଷା ଆମର ତୃପ୍ତି, ଆମ ପରିଚିତି। ଆମ ବନ୍ଧନ, ଆମ ଜୀବନଚର୍ଯ୍ୟା ଭାଷାକୁ ଭିତ୍ତିକରି ସମୃଦ୍ଧ ହୋଇଛି। ଆଉଟିକେ ଗଭୀରକୁ ପ୍ରବେଶକଲେ ପାଇବା ନାନା ଆଞ୍ଚଳିକ ଭାଷା। ନଈ କେ ବାଙ୍କ୍, ଦେଶ୍ କେ ଫାଙ୍କ୍, ସେହିପରି ଆଞ୍ଚଳିକ ଭାଷା ଗୋଟେ ଭୂଖଣ୍ଡର ପ୍ରାଣର ଧମନୀ। ଅଞ୍ଚଳ ତଥା ଏକ ସୀମିତ ପରିସୀମା ବଳୟରେ ଲୋକକଥା ଲୋକଭାଷା କୋଉ ଆଦିମକାଳରୁ ଚଳିଆସୁଛି। ଗାଁମାଟିର ସନ୍ତାନ ଲାଗି ଆଞ୍ଚଳିକ ଭାଷା ତା'ପାଇଁ ବଡ, ମାଆର ଆସନ ସଦୃଶ।

ଆମ ରାଜ୍ୟ ଓଡିଶା, ଆମ ଭାଷା ଓଡିଆ, ଏତିକିରେ ସରିଯାଉନି କଥା। ପୂର୍ବ ପଶ୍ଚିମ ଉତ୍ତର ଓ ଦକ୍ଷିଣରେ କେତେକେତେ ଆଞ୍ଚଳିକ ଭାଷା ସବୁ ରହିଛି, କିଛିକିଛି ବୟସ୍କ ନାରୀପୁରୁଷମାନେ ସେଇ ସବୁ ଆଞ୍ଚଳିକ ଭାଷାକୁ ଛାତିବଖରାରେ ଯତ୍ନ ସହକାରେ ରଖିଛନ୍ତି। ପାହାଡିଆ ଅଞ୍ଚଳରେ, ସୁଦୂର ଗାଁଗଣ୍ଡାରେ, ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଆଞ୍ଚଳିକ ଭାଷା ଭାବ ବିନିମୟର ସହଜସରଳ ମାଧ୍ୟମ। ବିଶେଷକରି ନିଜ ଅଞ୍ଚଳର ମମତ୍ୱଭାବ ବଢାଇଥାଏ, ଏଥିରେ ଦ୍ୱିମତ ନାହିଁ। ନିଜ ଭାଷାରେ ଡାକିଦେଲେ ବା କଥା ଦିପଦ ହେଲେ କେଡେ ଆପଣାର ଭାବ ଆସେ ସତେ। ଯେମିତି ଯେ ଦେଶେ ଯାଇ ସେ ଫଳ ଖାଇ, ସେହିପରି ବନ୍ଧୁ ଅତିଥି ବୁଲିବାକୁ ଗଲେ, ଝିଅ ବାହା ଦେଲେ, ବନ୍ଧୁ ବାନ୍ଧିଲେ ମିଶିଲେ ସେଠାକାର ଲୋକମାନେ ପରିବାରରେ, ସାହିଭାଇ ଭିତରେ ନିଜ ଆଞ୍ଚଳିକ ଭାଷାରେ କଥାବାର୍ତ୍ତା ହେବାର ଲକ୍ଷ୍ୟ କରାଯାଏ। ଆମ ଓଡିଶାର ବିଶେଷକରି ଗଡଜାତ ଅଞ୍ଚଳରେ, ଦୁର୍ଗମ ଜନବସତିରେ ନିଜଭାଷା ଆମେ ଶୁଣିଥାଉ। ନୂଆଲୋକ ଶୁଣିଲେ ଆଂଶିକ ବୁଝେ ସିନା ମଧୁରତା ମର୍ମେମର୍ମେ ଅନୁଭବ କରେ।

ସମୟ ବଦଳୁଛି, ଚାକଚକ୍ୟର ଦୁନିଆଁ ଇଏ, ସ୍ୱପ୍ନ ହଜାରେ। ଆଜିର ଯୁବକ, ଶିକ୍ଷିତ, ଚାକିରିଆ, ବ୍ୟବସାୟୀ ଉନ୍ନତି କରିବା ଲକ୍ଷ୍ୟରେ ପ୍ରାୟ ଅଧିକାଂଶ ସହରୀମୁହାଁ। ସହରର ଚାଷଜମି ସବୁ ବି ଘରବାରି ପ୍ଲଟ୍‌ରେ ବିକ୍ରି ଚାଲିଛି। ଛୁଆଙ୍କୁ ଇଂରାଜୀ ଶିକ୍ଷା, ଉଚ୍ଚ ଭବିଷ୍ୟତ ଦେବା ଅଭିଳାଷରେ ଗାଁଛାଡି ବାପାମାଆମାନେ ସହରକୁ ଆପଣେଇ ନେଉଛନ୍ତି। ଯେଉଁ ଆଞ୍ଚଳିକ ଭାଷା ଚଉଦପୁରୁଷରୁ ଅଧିକକାଳ ଧାରାବାହିକଭାବେ ଗଡି ଆସୁଥିଲା, ଏବେ ଗାଁରେ ତ ଅଧାଘରେ ଚାବି ପଡିଛି, ଜମିବାଡି ବଖରା ଦିଆଯାଉଛି। ହାତଗଣତି କିଛି ବୟସ୍କ ମୁରବୀମାନେ ନିଜ ମାଟିର ଭାଷାକୁ ବଞ୍ଚେଇ ରଖିଛନ୍ତି। ଗାଁର ଯୁବକମାନେ ରାତିପାହିଲେ କାମ କରିବାକୁ ବାହାରିଗଲେ, ସଂଜରେ ଫେରିଲେ। ସର୍ବଆଦୃତ ଭାଷାର ବହୁଳ ବ୍ୟବହାର ହେଲା ସତ ନିଜ ଆଞ୍ଚଳିକ ଭାଷା ବିରାଟ ବଟବୃକ୍ଷରୁ ଡାଳ କଟିକଟି ଗଲାଣି, ଗଣ୍ଡି ପଡିଛି ଖାଲି। ବର୍ତ୍ତମାନର ଓ ପରବର୍ତ୍ତୀ ପିଢି ଆଞ୍ଚଳିକ ଭାଷା ଯଥା ପୂର୍ବମ୍ ତଥା ପରମ୍ ଧାରାଠାରୁ ବିଚ୍ୟୁତ ହେଲାପରି ସ୍ପଷ୍ଟ ବାରି ହୋଇପଡୁଛି।




ଦ୍ୱିତୀୟତଃ ସହରରୁ ଝିଅଟିଏ ଗାଁକୁ ବାହାହୋଇ ଆସିଲେ ତା'କାନରେ ଆଞ୍ଚଳିକ ଭାଷା ବାଜେ, ଶୁଣି ଚୁପଚାପ ରହେ, ନୂଆବୋହୂର ପସନ୍ଦ ନଥିଲେ ବି ପ୍ରତିବାଦ କରେନା। ନିଜ ବ୍ୟବହାରିକ ଭାଷା ସୂତ୍ରରେ ଚାଲେ। କିଛିବର୍ଷ ପରେ ସହରକୁ ନେଇ ତା' ପରିବାରର ସ୍ୱପ୍ନ ଦେଖେ। ତା' ପରଠୁ ପିଢି ପରେ ପିଢି ଆଞ୍ଚଳିକ ଭାଷାଠାରୁ ସେମାନେ ଦୂରେଇଗଲେ। ପଙ୍କଦଳ ଘୋଡେଇ ଥିବା ରଜାଅମଳ ପୋଖରୀ ପରି ଆଈମାଅମଳର ସେ ଭାଷା ଅଲୋଡା ପଡିରହିଲାଣି କି ?

ଆଞ୍ଚଳିକ ଭାଷା ସୁରକ୍ଷା କମିଟି ହାତଗଣତି କେତେଜଣଙ୍କୁ ନେଇ, ଜନମତ ନିର୍ବିଶେଷରେ ସମସ୍ତେ ସିନା ଦସ୍ତଖତ ଅଭିଯାନରେ ସାମିଲ୍ ହୁଅନ୍ତି , କିନ୍ତୁ ସରକାରଙ୍କର ଦୃଷ୍ଟି ଆକର୍ଷଣ ଲାଗି ଅନବରତ ପ୍ରୟାସ ଓ ଦ୍ରୋହ ଜରୁରୀ। ଆଜିର ଯୁବସମାଜ ନିଜ ମାଟିର ଭାଷାପ୍ରତି ବିମୁଖ ହେବାର ଲକ୍ଷ୍ୟ ହେଉଛି, ପ୍ରତ୍ୟେକଙ୍କ ହାତରେ ସ୍ମାର୍ଟ ଫୋନ୍, ଘର ପରିବାରରେ ପିଲାମାନେ ଘଣ୍ଟାଟିଏ ମୋବାଇଲ ଛାଡି ରହିପାରୁନାହାନ୍ତି।

ବାପା ମାଆ ଅନେଇଛନ୍ତି କେତେବେଳେ ଟିକେ ଛୁଆମାନେ ଆମ ପାଖରେ ବସି ଗପନ୍ତେ, ନିଜ ରକ୍ତସଂଯୁକ୍ତ ଭାଷାରେ କଥା ହୁଅନ୍ତେ। ଆଜି ଢେର୍ କମିଗଲାଣି, ଆଗକୁ ସମୟ ଜଟିଳ, ଆଞ୍ଚଳିକ ଭାଷା ଉଇ ଚରିଥିବା ପୁରୁଣା ପୋଥିପରି ଅଲୋଡା ଅବସ୍ଥାକୁ ଆସିଗଲାଣି ଲାଗୁଛି।

ଆମ ଓଡିଶାରରେ ସାନ୍ତାଳୀ ଅଲଚିକି ଭାଷାରେ ପାଠ୍ୟପୁସ୍ତକକୁ ପିଲାମାନେ ପାଉଛନ୍ତି, ପଢୁଛନ୍ତି, ସେଥିପାଇଁ ସରକାର ସ୍ୱତନ୍ତ୍ର
ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି କରିଛନ୍ତି, ସମ୍ବଲପୁର ବଲାଙ୍ଗୀର ଅଞ୍ଚଳର କୋଷଳୀ ଭାଷା ସରକାରୀ ପ୍ରୋତ୍ସାହନ ଓ ବିକାଶ ପାଇଁ ସଂଗ୍ରାମ ଜାରିରଖିଛି। ସମ୍ବଲପୁରୀ ତ ଆମର ଗର୍ବଗୌରବ, ପଟନିଆ, ଖରଡିଆ, କଳାହାଣ୍ଡିଆ, ବଉଦିଆ, ଦେଶିଆ, କୋରାପୁଟିଆ, ଗଞ୍ଜାମିଆ, ଅନୁଗୁଳିଆ, ଢେଙ୍କାନାଳିଆ, ବାଲେଶ୍ୱରୀ, ମୟୁରଭଞ୍ଜିଆ, ପୁରୀ ବୋଲି, ହୋ ଇତ୍ୟାଦି ଅନେକ ଆଞ୍ଚଳିକ ଭାଷା ସବୁ ରହିଛି। ଓଡ଼ିଆ ଭାଷା ତ ଆମର ଶାସ୍ତ୍ରୀୟ ମାନ୍ୟତା ପାଇଛି, ଘରର ଶାଶୁଙ୍କ ପରେ କେତେ ବୋହୂ ଯେ ଅଛନ୍ତି, ସେମାନେ ନିଜ ଗୌରବ ଅକ୍ଷୁର୍ଣ୍ଣ ରହିବାର ଆବଶ୍ୟକତା ଅଛି। ଆଞ୍ଚଳିକ ଭାଷା ପାଇଁ ପ୍ରଶାସନିକ ସମାନସୁବିଧା ଦିଆଯିବାର ବ୍ୟବସ୍ଥା ଗୌଣ ମନେ ହେଉଛି।

ଆଉ ଏକ ସମସ୍ୟା ହେଉଛି, କିଛି ଲୋକ କାମଧନ୍ଦା ପାଇଁ ଆସିଲେ ତ କିଛି ଲୋକ କାମପାଇ ଅନ୍ୟସ୍ଥାନକୁ ସ୍ଥାନାନ୍ତର ହେଲେ। ଏପରି କ୍ଷେତ୍ରରେ କଥାବାର୍ତ୍ତର ତାଳମେଳ ରହିଲାନି, ଫଳରେ କଥାର ଖେଚୁଡି ଚାଲିଲା। ଆମ ସମ୍ବିଧାନରେ ଆଞ୍ଚଳିକ ଭାଷାର ବ୍ୟବସ୍ଥା ଥିଲେ ହେଁ ଅବହେଳିତ ମନେ ହେଉଛି। ପୁରୁଣାଲୋକମାନେ ଚାଲିଗଲା ପରେ କର୍ପୂର ଯାଇ କନା ପଡିଥିବ ବୋଧେ। ଇଂରାଜୀ, ହିନ୍ଦୀ, ଓଡିଆ ଭାଷାରେ ତ ଆଗାମୀ ଭବିଷ୍ୟତର ଯୁବକଯୁବତୀ ମଣିଷ ଗଢିବାର ସ୍ରୋତରେ ସବୁ ଭାସି ଚାଲିଲେ, ଗାଁମୁଣ୍ଡ ବୁଢା ବରଗଛକୁ ପଚାରୁଛି କିଏ ? ଆମ ଅଜାଣତରେ କେତେ ଯେ' ଆଞ୍ଚଳିକ ଭାଷା ଘୋର ସଂକଟରେ, ସମାଲୋଚନା ନକରି ଯଥେଷ୍ଟ ଆନ୍ତରିକତା ଦେଖେଇବାର ଆବଶ୍ୟକତା ରହିଛି। ଯେତେଦିନ ପର୍ଯ୍ୟନ୍ତ ଆମେ ଇଂରାଜୀଭାଷାକୁ ପ୍ରାଧାନ୍ୟ ଦେଇ ଚାଲିଥିବା, ସେତେଦିନ ପର୍ଯ୍ୟନ୍ତ ଆମ ମନରେ ପରାଧୀନତାର ଗ୍ଳାନି ଥିବ, ଆଞ୍ଚଳିକ ଭାଷାଗୁଡିକୁ ଗୁରୁତ୍ୱ ଦିଆ ନଗଲେ ଆମ ଦେଶ ସାଂସ୍କୃତିକ କ୍ଷେତ୍ରରେ ଏକ ବିଦେଶୀଭାଷାର ଅନୁଗତ ହୋଇ ବହିଯିବ। କେବଳ ଆନ୍ତର୍ଜାତିକ ସଂପର୍କ ରକ୍ଷା ନିମନ୍ତେ ଇଂରାଜୀଭାଷାକୁ ବ୍ୟବହାର କରାଯାଇ ପାରେ, କିନ୍ତୁ ବିଦେଶୀଭାଷାରେ ଶାସକ ଓ ଶାସିତ ଭିତରେ ଦୂରତା ବଢାଉ ନାହିଁକି ?

ଆଞ୍ଚଳିକ ଭାଷାର ଉନ୍ନତି ବିଧାନ ନିମନ୍ତେ ପାଠ୍ୟପୁସ୍ତକ ପ୍ରଣୟନ ସରକାରଙ୍କର ଏକ ବଳିଷ୍ଠ ପଦକ୍ଷେପ। ପରିତାପର ବିଷୟ ଏହି ଯେ ପିତାମାତା ଅଭିଭାବକମାନେ ତିନିବର୍ଷରୁ ଛୁଆକୁ କିଣ୍ଡର୍ ଗାର୍ଟେନ୍ ଇଂରାଜୀ ମିଡିୟମରେ ନାମ ଲେଖାଇ ଦେଉଛନ୍ତି। ଆପଣା ହସ୍ତେ ଜିହ୍ୱା ଛେଦି ଆଳରେ ମାଟିର ଭାଷା ନୀରବିଯିବ କି ? ଜନସଚେତନତାର ଆବଶ୍ୟକତା ରହିଛି। ଆମ ହାତରେ ଯେପରି ଆମ ଘରର ଭବିଷ୍ୟତ, ଠିକ୍ ସେହିପରି ଆମ ହାତରେ ଆମ ଭାଷାର ସ୍ଥିତି ଓ ପ୍ରଗତି। ଆଞ୍ଚଳିକ ଭାଷାର ବିକାଶ ପାଇଁ ସରକାର ପ୍ରସ୍ତୁତ କିନ୍ତୁ ଜନସାଧାରଣଙ୍କ ମନୋବୃତ୍ତି ହିଁ ବଡକଥା। ୧୯୬୮ ମସିହାରୁ ଆଞ୍ଚଳିକ ଭାଷା ଶିକ୍ଷା ବିକାଶର ନୀତି କାର୍ଯ୍ୟକାରୀ ହେଉଥିଲେ ହେଁ ସେତେଟା ଫଳପ୍ରଦ ହୋଇନାହିଁ। ତୃଣମୂଳ ସ୍ତରରେ ନିଜଭାଷା ପ୍ରୀତିର ଅଭାବ ଦେଖାଯାଉଛି ।

ଆଞ୍ଚଳିକ ଭାଷାର ଲିପି ଖୋଜି କାଢିବାକୁ ହେବ,ଏଦିଗରେ ଗବେଷକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ, ଉପଯୁକ୍ତ ସଠିକ୍ ଗବେଷଣା ଜାରିରହିଲେ ଭାଷା ଆଲୋକିତହେବ। ପୁସ୍ତକ ରଚନା, ଅନ୍ୟପୁସ୍ତକକୁ ଆଞ୍ଚଳିକ ଭାଷାରେ ଅନୁବାଦ, ଆଞ୍ଚଳିକ ଭାଷାର ପୁସ୍ତକକୁ ଅନ୍ୟଭାଷାରେ ଅନୁବାଦ ଫଳରେ ପରିସର ବ୍ୟାପ୍ତ ହେବ। ଯେଉଁମାନେ କହନ୍ତି ବିଜ୍ଞାନ ଆଞ୍ଚଳିକ ଭାଷାରେ ଅନୁଦିତ ହୋଇପାରିବ ନାହିଁ, ସେମାନେ ବିଜ୍ଞାନ କଣ ଜାଣନ୍ତି ନାହିଁ ବା ଭାଷା କ'ଣ ଜାଣନ୍ତି ନାହିଁ। ଶିକ୍ଷାଦାନ ଭିତରେ ହିଁ ଆଞ୍ଚଳିକ ଭାଷାର ମହତ୍ତ୍ୱ ସାଧିତ ହେବ।

ଜୁନାଗଡ, କଳାହାଣ୍ଡି
ମୋ-୮୬୫୮୭୪୦୨୯୧

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# 'ଫର୍ଟି ଆଣ୍ଡ ମ୍ୟାରେଡ୍'

ଡାକ୍ତର ଶୁଭଶ୍ରୀ ମିଶ୍ର

**ଜୀବନ ଓ ଜୀବନାନନ୍ଦ କହିଲେ ପାରମ୍ପରିକ ଭାବଧାରାର ସାମୀ ସନ୍ତାନ ସନ୍ତତି ଓ ପରିବାର। ତେବେ ବର୍ତ୍ତମାନର ସମୟକୁ ଦେଖିଲେ ଏହି ପରମ୍ପରାର ଆବହମାନ କାଳ ଧରି ଗଢ଼ି ଆସିଥିବା ଭାବଧାରା ଅନେକ ମହିଳାଙ୍କ ପାଇଁ ହେଉଛି ପୁରୁଣାକାଳିଆ ସେମାନେ ନିଜ କ୍ୟାରିୟର, ସାଧୀନତା, ବୃତ୍ତିଗତ ଜୀବନ ଓ ଖୋଲା ସୁଖ ସ୍ୱଚ୍ଛନ୍ଦ୍ୟଭରା ଜୀବନ ଢ଼େଙ୍ଗରେ ନିଜ ଇଚ୍ଛାରେ ବଞ୍ଚିବା ପାଇଁ ବେଶି ପସନ୍ଦ କରୁଛନ୍ତି। ସେମାନଙ୍କ ଚିନ୍ତାଧାରାରେ ସନ୍ତାନସନ୍ତତି ଜନ୍ମ ଭଗବାନଙ୍କ ବରଦାନ ନୁହଁ ବଦଳରେ ଏହା ଏକ ବୋଝ। ଆମ ଭାରତରେ ମହିଳା ପ୍ରଜନନ ହାରର ଗ୍ରାଫ୍ ଦ୍ରୁତ ଭାବେ ତଳମୁହାଁ। ଦିନଥିଲା ବୋଧେ ଚାଳିଶ ବର୍ଷ ତଳର କଥା ଜାପାନ, ତୁର୍କୀ, କୋରିଆ, ଚାଇନା ଓ ଥାଇଲ୍ୟାଣ୍ଡ ପରି ଦେଶ ନିଜ ଦେଶର ଜନସଂଖ୍ୟାକୁ ନେଇ ବ୍ୟତିବ୍ୟସ୍ତ ହୋଇପଡ଼ି ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଅନେକ ସରକାରୀ ଓ ପ୍ରୋତ୍ସାହନମୂଳକ ଯୋଜନା ହାତକୁ ନେଇଥିଲେ। ଭାରତର ସବୁଠାରୁ ଜନବହୁଳ ରାଷ୍ଟ୍ର ଭାରତର ଜନସଂଖ୍ୟା ହେଉଛି ୧୪୬.୩୯ କୋଟି। ଜାତିସଂଘର ଏକ ତଥ୍ୟ ଭିତ୍ତିକ ରିପୋର୍ଟ ଅନୁଯାୟୀ ୨୦୨୫ ଶେଷ ସୁଦ୍ଧା ଭାରତର ଜନସଂଖ୍ୟା ହେବ ବିଶ୍ୱର ସର୍ବୋଚ୍ଚ ଭାବେ ୧୪୬.୮୯ କୋଟି। ତେବେ ଜାତିସଂଘର ରିପୋର୍ଟ ଯାହା ଦର୍ଶାଇଛି ଯେ ପ୍ରକୃତ ସଙ୍କଟ ଅତିରିକ୍ତ ଜନସଂଖ୍ୟା ନୁହେଁ ବରଂ କୋଟି କୋଟି ପୁରୁଷ ଓ ନାରୀ ନିଜ ନିଜର ଚାହିଦା ଅନୁସାରେ ସନ୍ତାନ ଧାରଣ କରିପାରିନାହାଁନ୍ତି ଯାହାକୁ ଦି ରିୟଲ ଫର୍ଟିଲିଟି କାଏସିସ୍ ବା ବାସ୍ତବ ପ୍ରଜନନ ସଙ୍କଟ କୁହାଯାଏ। ୨୦୨୫ର ଏକ ସରକାରୀ ତଥ୍ୟର ପରିସଂଖ୍ୟାନ କହୁଛି ୦-୧୪ ବର୍ଷ ବୟସ୍କଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୪ ପ୍ରତିଶତ। ସେହିପରି ୧୦-୧୯ ବର୍ଷ ବୟସ୍କଙ୍କ ସଂଖ୍ୟା ୧୭ ପ୍ରତିଶତ ଓ ୧୦-୨୬ ବର୍ଷ ବୟସ୍କଙ୍କ ସଂଖ୍ୟା ୨୬ ପ୍ରତିଶତ।**

ଆଜିକାଲିର ସମୟକୁ ଦେଖିଲେ ନିକଟରେ ମାସ ମ୍ୟୁଚିଆଲ ନାମକ ଏକ ଆନ୍ତର୍ଜାତିକ ଗବେଷଣା ସଂସ୍ଥାର ତଥ୍ୟ ମୁତାବକ ନିଃସନ୍ତାନ ରହିବା ଦ୍ୱାରା ଆର୍ଥିକ ସ୍ୱାଧୀନତା ପ୍ରାପ୍ତ ହୋଇଥାଏ ବୋଲି ଅନେକ ଦମ୍ପତି ମତ ରଖିଛନ୍ତି। ବିଶ୍ୱର ଅଧିକାଂଶ ପିତାମାତା ପ୍ରତ୍ୟେକ ଶିଶୁଙ୍କର ଜନ୍ମ ଠାରୁ ୧୮ ବର୍ଷ ପର୍ଯ୍ୟନ୍ତ ପହଞ୍ଚିବା ପର୍ଯ୍ୟନ୍ତ ପାଖାପାଖି ୨୪୦,୦୦୦ ଡଲାର ଖର୍ଚ୍ଚ କରନ୍ତି। ତେବେ ବିଶ୍ୱବିଖ୍ୟାତ ପତ୍ରିକା 'ଲାନସେଟ୍'ର ତଥ୍ୟ ଅନ୍ୟ କିଛି ସୂଚାଉଛି। ଏହି ରିପୋର୍ଟ ମୁତାବକ ୧୯୭୦ ପର ଠାରୁ ବିଶ୍ୱରେ ଶୁକ୍ରାଣୁ ସଂଖ୍ୟା ପାଖାପାଖି ୫୦ ପ୍ରତିଶତ ହ୍ରାସ ପାଇଲାଣି। ଏକ ବିଂଶ ଶତାବ୍ଦୀରେ ଏପରି ଦ୍ରୁତ ହ୍ରାସ ଚିନ୍ତାଜନକ। ବୟସ ବଢ଼ିବା ସହ ପୁରୁଷ ପ୍ରଜନନ କ୍ଷମତା କମିଥାଏ। ସେହିପରି ବିଳମ୍ବରେ ଘର ସଂସାର କରିବା କିମ୍ବା ବିଳମ୍ବରେ ପିଲାପିଲି ପାଇଁ ଉଦ୍ୟମ କରିବା ଏକ ପ୍ରମୁଖ କାରଣ। ବଦଳୁଥିବା ଜୀବନଶୈଳୀ ପ୍ରଜନନ କ୍ଷମତାକୁ କମାଉ ଥିବାବେଳେ ଜୀବନଯାପନ ଶୈଳୀ ଓ ପରିବେଶର ପରିପାର୍ଶ୍ୱିକ କାରଣ ପ୍ରଜନନ କ୍ଷମତା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ



ପ୍ରଭାବ ରଖିଥାଏ। ଏହିପରି ଏକ ଆଲୋଚନା କଲାବେଳେ ବିଶ୍ୱର ଅନ୍ୟତମ ଅଭିବୃଦ୍ଧି ସମ୍ପନ୍ନ ଦେଶ ଜାପାନ କଥା ଚିନ୍ତା କରାଯାଉ। ଖୋଦ ଜାପାନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯେଉଁ ରିପୋର୍ଟ ପ୍ରକାଶ କରିଛି, ୨୦୨୪ ମସିହାରେ ୭,୨୦,୯୮୮ ଶିଶୁ ଜନ୍ମ ହୋଇଛନ୍ତି। ଜାପାନରେ ପ୍ରଥମଥର ଏହି ପ୍ରବଣତା ୧୮୯୯ ମସିହାରେ ଲକ୍ଷ୍ୟ କରାଯାଇଥିଲା। ଏହାର ବଡ଼ କାରଣ ହେଉଛି



ଲୋକମାନଙ୍କ ଭିତରେ ସନ୍ତାନ ଜନ୍ମ କରିବାର ଆଗ୍ରହ ରହୁନି। ଏପରି ଏକତ୍ର ବାସ କରୁଥିଲେ ମଧ୍ୟ ଏକ ପ୍ରକାର ସର୍ତ୍ତ ରଖୁଛନ୍ତି ଯେ କେହି କାହା ଉପରେ ପିଲା ଜନ୍ମ କରିବା ପ୍ରସଙ୍ଗକୁ ନେଇ ଚାପ ସୃଷ୍ଟି କରିବ ନାହିଁ। ସୂଚନାଥାଉକି ଜାପାନ ସରକାର ଶିଶୁ ଯତ୍ନ ନୀତି ପ୍ୟାକେଜ ଆରମ୍ଭ କରି ମଧ୍ୟ ଜନ୍ମହାର ଉତ୍ସାହ ଜନକ ନୁହେଁ।

ଜେନ ଜି (ଜେଡ୍) ଓ ମିଲେନିଆଲଙ୍କ ମଧ୍ୟରେ ପ୍ରତି ଚାରି ଜଣଙ୍କ ଭିତରୁ ଜଣେ ସନ୍ତାନ ଜନ୍ମ କରିବା ପ୍ରତି ଅନାଗ୍ରହ ପ୍ରକାଶ କରୁଛନ୍ତି। ପୂର୍ବ ପ୍ରଜନ୍ମ ତୁଳନାରେ ପରିବାରର ଆକାର କମିଯାଉଛି। ଯୌଥ ପରିବାର ପରିବର୍ତ୍ତେ ଏକକ ପରିବାରର ପ୍ରଚଳନ ବଢ଼ୁଛି। ଅଧିକାଂଶ ଜେନ ଜି ଓ ମିଲେନିଆଲ୍ସ ଅନ୍ୟମାନଙ୍କ ଅପେକ୍ଷା ନିଜ ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ନିଜ ପାଇଁ ଆବଶ୍ୟକୀୟ ସୁବିଧା, ଅୟସ, ଆରାମ ଓ ନିଜ ସୁଖଶାନ୍ତି ତଥା ଉନ୍ନତ ଜୀବନଶୈଳୀ ପାଇଁ ଏମାନେ ସନ୍ତାନ ଜନ୍ମ କରିବାକୁ ଏକ ବୋଝ ଭାବୁଛନ୍ତି। ଏହି କ୍ରମରେ ଡିଙ୍କ ଓ ପେଟ ପ୍ୟାରେଣ୍ଟିଂ ପରି ନୂତନ ଧାରା ସାମିଲ ହେବାରେ ଲାଗିଛି। ଡିଙ୍କ ଅର୍ଥାତ ଡବଲ ଇନକମ୍ ଆଣ୍ଡ ନୋ କିଡ୍। ବୁଝି ପାରିଲେ ତ ? ଉଭୟ ପିତାମାତା ରୋଜଗାର କରୁଥିଲେ ମଧ୍ୟ ସେମାନେ ସନ୍ତାନ କରିବାକୁ ରାଜି ନୁହଁ। ଏହା ସେମାନଙ୍କର ନିଜସ୍ୱ ଇଚ୍ଛା। ଆପଣମାନେ ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଥିଲେ କେବେ ନା କେବେ ଏପରି କିଛି କ୍ୟାପସନ ନିହାତି ଭାବରେ ଦେଖିବେ ଯେ 'ଫର୍ଟି ଆଣ୍ଡ ମ୍ୟାରେଡ୍ ଷ୍ଟିଲ ନୋ କିଡ୍ ଇଟ୍ସ ଆଓ୍ୱାର ଚଏସ୍' ଏହାର ଅର୍ଥ ବୁଝାଇବା ଅନାବଶ୍ୟକ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ୪୦ ବର୍ଷର ବିବାହିତ ଦମ୍ପତିଙ୍କ ପାଇଁ ସନ୍ତାନ ଧାରଣ ନକରିବା ସଂପୂର୍ଣ୍ଣ ଭାବରେ ନିଜସ୍ୱ ଇଚ୍ଛା। ଦେଶ ବିଦେଶରେ ବିଭିନ୍ନ ସ୍ଥାନ ବୁଲିବା, ଏକ ସ୍ୱଚ୍ଛଳ ଜୀବନଯାପନ କରିବାରେ ଏହି ପ୍ରଜନ୍ମର ଦମ୍ପତି ପ୍ରାଥମିକତା ଦେଉଛନ୍ତି। ସ୍ନେହ କରିବା ପାଇଁ କିମ୍ବା ଗେହ୍ଲା କରିବା ପାଇଁ ଏମାନେ ନିଜର ଜୈବିକ ସନ୍ତାନ ପରିବର୍ତ୍ତେ କୌଣସି ପୋଷା ଜୀବଜନ୍ତୁଙ୍କୁ ଆଣି ପାଳିବାକୁ ମଧ୍ୟ ଶ୍ରେୟ ମଣୁଛନ୍ତି। ଆଧୁନିକ ଭାଷାରେ ଏହାକୁ କୁହାଯାଉଛି ପେଟ ପ୍ୟାରେଣ୍ଟିଂ। କୁକୁର, ବିଲେଇ କିମ୍ବା ଅନ୍ୟ ସାଙ୍ଗରେ ବୁଲାଇ ନେବା, ଖୁଆଇ ଦେବା, ଗାଧୋଇ ଦେବା ଏହି ଧାରାରେ ସାମିଲ ହେଉଛି।



ଟିକିଏ ନିରିଖେଇକି ଚିନ୍ତା କରନ୍ତୁ ସମ୍ଭବତଃ ଆଉ ବେଶୀ ଦୂର ନୁହେଁ ସେହିଦିନ ସମ୍ଭବତଃ ବିଶ୍ୱ ଆଉ କୁନି କୁନି ରାବ ଶୁଣିବା ପାଇଁ ଆଉ ସମ୍ଭବ ହୋଇପାରିବ ନାହିଁ। ଭାରତ ଆଜି ଦୁନିଆରେ ସବୁଠୁ ଜନବହୁଳ ହୋଇସାରିଛି। ତେବେ ଜାଣନ୍ତି କି ଜନସଂଖ୍ୟା ବୃଦ୍ଧି ଯେମିତି କେତେକ ଦେଶ ପାଇଁ ଚିନ୍ତାଜନକ ସେମିତି ଜନସଂଖ୍ୟା ହ୍ରାସ କିଛି ଦେଶ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ତେବେ ମାନବତାର ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଯୌଥ ପରିବାରରେ ପିତାମାତାଙ୍କ ସହ ରହିବା ଦ୍ୱାରା ସନ୍ତାନ ଲାଳନପାଳନର ସହଯୋଗ ରହିଥାଏ। କ୍ୟାରିୟର ଦାୟିତ୍ୱ ଥିଲେ ଯୌଥ ପରିବାରର ମାହୋଲ ଏ କ୍ଷେତ୍ରରେ ସହାୟକ ହୋଇଥାଏ। ସେହିପରି ପୃଥିବୀରେ ଅଚାନକ ଘଟିଥିବା ଜଳବାୟୁର ପରିବର୍ତ୍ତନ ମାନବର ପ୍ରଜନନ କ୍ଷମତାକୁ ପ୍ରଭାବିତ କରୁଛି। ତେଣୁ ସମାଜ ଓ ଜୀବନ ଶୃଙ୍ଖଳକୁ ଚିନ୍ତାକରି ପାରମ୍ପରିକ ପ୍ରଜନନ ବ୍ୟବସ୍ଥାକୁ ସୀମିତ ସନ୍ତାନ ସନ୍ତତିଙ୍କ ଭିତରେ ରହିପାରି ଜୀବନକୁ ଆନନ୍ଦମୟ କରିପାରିବେ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ,**
E-mail : drsubhashreemishra890@gmail.com

ମହକ



## ଲୋକକଳାର ସମୃଦ୍ଧି ପାଇଁ ସମର୍ପିତ ଅନନ୍ୟ ସାଧକ :

# ଅକ୍ଷୟ କୁମାର ରଣା

କଳା ଆମ ପରିଚୟ ଆଉ ସ୍ୱାଭିମାନ। କଳାର ବିକାଶ, ସୁରକ୍ଷା ଜରୁରୀ। ଆଜିର ଦୁନିଆରେ ଏମିତି ଜଣେ ମଣିଷ ଅଛନ୍ତି ଯେ ଲୋକକଳା ବୁଡ଼ିଯାଉଥିବା ସମୟରେ ସେ ତାକୁ ଉଜ୍ଜୀବିତ କରିବା ପାଇଁ ନିଜ ଜୀବନକୁ ସମର୍ପି ଦେଇଛନ୍ତି। ସେ ହେଉଛନ୍ତି କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ନାହାଳପୁର ପଞ୍ଚାୟତ ଅନ୍ତର୍ଗତ ପାଇକପଡ଼ା ଗ୍ରାମର ପିତା ବୈଦ୍ୟନାଥ ରଣା ଏବଂ ମାତା କ୍ଷୀରୋଦ ରଣାଙ୍କ ପୁତ୍ର ଅକ୍ଷୟ କୁମାର ରଣା ଯାହାଙ୍କ ଜନ୍ମ ୧୯୭୫ ମସିହାରେ। ତାଙ୍କ ବାଲ୍ୟଶିକ୍ଷା ମାମୁଘର ଜଗତସିଂହପୁର ସ୍ଥିତ ଗହ୍ଲାପୁରରେ ଆରମ୍ଭ ହୋଇ ପରେ ସହୀଦସ୍ମୃତି ବିଦ୍ୟାପୀଠ ବିସିପଦାରୁ ମାଟ୍ରିକ ପାସ୍ କରିଥିଲେ। ପରବର୍ତ୍ତୀ ସମୟରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ଏମ.ଏ. ସହିତ ଏନ୍‌ଏଏଫ୍‌ଟି (ନ୍ୟାସନାଲ ଏକାଡେମି ଫିଲ୍ମ ଏବଂ ଟେଲିଭିଜନ) ଭଳି ଉଚ୍ଚ ସ୍ତରୀୟ ଶିକ୍ଷା ଲାଭ କରିଛନ୍ତି। ପିଲାଟି ଦିନରୁ କଳାର ପ୍ରେମରେ ଉବୁଟୁବୁ ହେଉଥିବା ଅକ୍ଷୟ ଜଣେ ଉଚ୍ଚ ଶିକ୍ଷିତ କଳା ପ୍ରେମୀ ମଣିଷ। ୫୦ ବର୍ଷ ବୟସ୍କ ଅକ୍ଷୟ ଅଦ୍ୟାବଧି ୨୦୦ରୁ ଊର୍ଦ୍ଧ୍ୱ ନାଟକର ନିର୍ଦ୍ଦେଶନା ଦେଇ ସାଉଁଟିଛନ୍ତି ବିପୁଳ ଅଭିଜ୍ଞତା ଆଉ ଏବେ ସବୁଠି ତାଙ୍କ ପ୍ରଶଂସା। ନାଟକ ଲେଖିବା, ନିର୍ଦ୍ଦେଶନା ଦେବା ଏବଂ ସେଥିରେ ଅଭିନୟ କରିବାର ନିଶାଟି ତାଙ୍କର କଲେଜରେ ପଢୁଥିବା ସମୟରୁ ଆରମ୍ଭ ହୋଇଥିଲା ବୋଲି ସେ କୁହନ୍ତି। କଲେଜ ସମୟରୁ ଏନ୍‌ଏସ୍‌ଏସ୍ କ୍ୟାମ୍ପରେ ନିଜେ ସେ ସମୟରେ ବହୁ ନାଟକ ଲେଖି ନିର୍ଦ୍ଦେଶନା ଦେଉଥିଲେ। ଗ୍ରାମାଞ୍ଚଳ ଡ୍ରାମାରେ ୧୯୯୬ରୁ ତାଙ୍କ ଜୀବନର ପ୍ରଥମ ନାଟକ 'ହସ ଦେଉଳରେ ବିଷ କଳସ, କଣ୍ଢେଇ ଲୋ ତୋ ବାହାଘର କେବେ, ସନ୍ଧ୍ୟାତାରା, କିଏ ଯୋଡ଼ି ଦେବ ଭଙ୍ଗା ଚୁଡ଼ିକୁ, ସ୍ୱର୍ଗରେ ଜଳୁଛି ନିଆଁ, ଶଙ୍ଖା ଭାଙ୍ଗିଦେଲା ସିନ୍ଦୂର ପାଇଁ, ଲୁହରେ ଲେଖିଛି ନୂଆ କାହାଣୀ, ଜନମ ନେଇଛି କାନ୍ଦିବା ପାଇଁ, ଚାରିଛକରେ ତିନି ଝିଅ'... ଏମିତି ଅନେକ ମଞ୍ଚନାଟକର କାହାଣୀ ଏବଂ ଏହା ସହିତ ଏକ ଯୁଗର ଆମକୁ ବଞ୍ଚିବାକୁ ଦିଅ, ଅଭିଶାପ, ମାଆ, ଛାଇ, ସିନ୍ଦୂରା ଫାଟିବାର ବେଳା,ଏମିତି ଭୁଲ ଆଉ ହେବନି, ଉତ୍ତରାଧିକାରୀ, ରକ୍ତର ରଙ୍ଗ, ଆହେ ଚକା ଆଖି, ଶେଷଇଚ୍ଛା, ପୁନଶ୍ଚ ମହାତ୍ମା, ରଘୁ ଅରକ୍ଷିତ, ଗୁଜବପୁରରେ ଘର...ଆଦି ଅନେକ ସୁପରହିଟ୍ ନାଟକର ରଚନା ସହିତ ନିର୍ଦ୍ଦେଶନା ଦେବାରେ ତାଙ୍କର ବହୁ ପ୍ରସିଦ୍ଧି ରହିଛି। ବର୍ତ୍ତମାନ ମା' ଗଣନାଟ୍ୟରେ ତାଙ୍କ ଦ୍ୱାରା ଲିଖିତ ଏକ ନାଟକ ଆଖି ଲୁହ ମୋର ଜୀବନ ସାଥି ନିର୍ଦ୍ଦେଶନା ଦେଉଥିବାର ଜଣା ପଡିଛି । ସେ ଏଥିପାଇଁ ସମରେ ଫାଉଣ୍ଡେସନ, କଲଚରାଲ ଡେଭଲପମେଣ୍ଟ ଫାଉଣ୍ଡେସନ ଦ୍ୱାରା ମାଟି ଗୌରବ ସମ୍ମାନ, କଳା ମଉଡମଣି ସମ୍ମାନ, ମା ଲକ୍ଷ୍ମୀ ନାଟ୍ୟସଂସ୍ଥା ଦ୍ୱାରା ନାଟ୍ୟଗୁରୁ ସମ୍ମାନ, ସାତସାହି ନୃତ୍ୟ ମହୋତ୍ସବ ସମ୍ମାନ, ଜାତୀୟ କଳାରତ୍ନ ସମ୍ମାନ, ଲେଭ୍ ଲାଇଭ ଓଡ଼ିଆ ଚାନେଲ ତରଫରୁ ଲିଭ୍ ଲାଇଫ ସମ୍ମାନ, ଏସ୍‌ଜେ ଭିଜନ ଦ୍ୱାରା ଶ୍ରେଷ୍ଠ ନିର୍ଦ୍ଦେଶକ ସମ୍ମାନ, ଗ୍ଲୋବାଲ ଥିଏଟର ଏବଂ କଲଚୁରାଲ ଏକାଡେମି ଦ୍ୱାରା ଶ୍ରେଷ୍ଠ ନିର୍ଦ୍ଦେଶକ ସମ୍ମାନ, ଦାମନଯୋଡିରେ ଆୟୋଜିତ ଊନବିଂଶ ପଞ୍ଚପଟମାଳି ନାଟ୍ୟ ମହୋତ୍ସବ - ୨୦୨୫ ଦ୍ୱାରା ଶ୍ରେଷ୍ଠ ନିର୍ଦ୍ଦେଶକ ସମ୍ମାନ, ଲାବଣ୍ୟ ସମ୍ମାନ ୨୦୨୫, ଭୁବନେଶ୍ୱର ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ ଦ୍ୱାରା ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଛନ୍ତି। ଅଧୁନା ଅକ୍ଷୟ ଅନ୍ନପୂର୍ଣ୍ଣା ଅଭିନୟ ଶିକ୍ଷା କେନ୍ଦ୍ରରେ ପ୍ରଶିକ୍ଷକ ଭାବେ ଛାତ୍ରଛାତ୍ରୀଙ୍କୁ ଅଭିନୟ ଶିକ୍ଷା ପ୍ରଦାନ କରୁଛନ୍ତି। ଆହୁରି ମଧ ଶ୍ରୀରଣାଙ୍କ ଦ୍ୱାରା ରଚିତ ନାଟକ ମନ ପକ୍ଷୀ ଝୁରେ, ସମସ୍ତେ ସମାନ, ପରିବେଶ, ଅଭିଶାପ, ମାଆ, ଏମିତି ଭୁଲ ଆଉ ହେବନି, ଆହେ ଚକା ଆଖି, ମୋତେ ଉଦ୍ଧର ବାସୁଦେବ, ବନ୍ଧୁ ବନାମ ବାନ୍ଧବୀ, ଆଖି ଲୁହ ମୋର ଜୀବନ ସାଥି ସହିତ ବହୁ ନାଟକ, ଟିଭି ସିରିଏଲ, ଫିଲ୍ମ ଆଦିରେ ଅଭିନୟ କରିବା ସହିତ ବର୍ତ୍ତମାନ ବି କଳା ସାଧନାରେ ମଗ୍ନ ଅଛନ୍ତି ଅକ୍ଷୟ। ତାଙ୍କର କଳାକାର ଜୀବନ ଆହୁରି ସମୃଦ୍ଧ ହେଉ ସେ ବହୁ ଆଗକୁ ଯାଆନ୍ତୁ ଆମେ ଏତିକି କାମନା କରୁଛୁ।







# ପ୍ରଭୁ ଶ୍ରୀକୃଷ୍ଣ ଓ ଭକ୍ତ ସୁଦାମା

ଜଣେ ଗରୀବ ବ୍ରାହ୍ମଣୀ ଥିଲା। ସେ ଭିକ୍ଷା ମାଗି ବଞ୍ଚୁଥିଲା । ଗୋଟିଏ ସମୟ ଆସିଲା ଯେତେବେଳେ ତାଙ୍କୁ ପାଞ୍ଚ ଦିନ ପାଇଁ ଦାନ ମିଳିଲା ନାହିଁ। ସେ ପ୍ରତିଦିନ ଖାଲି ପାଣି ପିଉଥିଲା ଏବଂ ପ୍ରଭୁଙ୍କ ନାମ ନେଇ ଶୋଇଯାଉଥିଲା। ଷଷ୍ଠ ଦିନ ସେ ଦାନ ଭାବରେ ମାତ୍ର ଦୁଇ ମୁଠା ଚଣା ପାଇଲା। ସେ କୁଡ଼ିଆରେ ପହଞ୍ଚିବା ବେଳକୁ ରାତି ହୋଇଯାଇଥିଲା। ବ୍ରାହ୍ମଣୀ ଭାବିଲା ଯେ ସେ ରାତିରେ ଏହି ଚଣା ଖାଇବ ନାହିଁ। ସକାଳେ ପ୍ରଭୁ ବାସୁଦେବଙ୍କୁ ଅର୍ପଣ କରିବା ପରେ ହିଁ ସେ ସେଗୁଡ଼ିକୁ ଖାଇବ। ଏହା ଭାବି ବ୍ରାହ୍ମଣୀ ଚଣାକୁ ଏକ କପଡାରେ ବାନ୍ଧି ବାସୁଦେବଙ୍କ ନାମ ଜପ କରି ଶୋଇପଡ଼ିଲା। ବ୍ରାହ୍ମଣୀ ଶୋଇବା ପରେ, କିଛି ଚୋର ଚୋରି କରିବାକୁ ତା'ର କୁଡ଼ିଆକୁ ଆସିଲେ। ବହୁତ ଖୋଜାଖୋଜି କରିବା ପରେ, ଚୋରମାନେ ଚଣାର ଗଣ୍ଠୁଲିଟି ପାଇଲେ। ଚୋରମାନେ ଭାବିଲେ ଯେ ଏଥିରେ ସୁନାମୁଦ୍ରା ଅଛି। ତା'ପରେ ବ୍ରାହ୍ମଣୀ ଉଠି ଚିତ୍କାର କରିବାକୁ ଲାଗିଲା। ଗାଁର ସମସ୍ତ ଲୋକ ଚୋରମାନଙ୍କୁ ଧରିବା ପାଇଁ ଦୌଡ଼ିଲେ। ଲୋକ ମାନଙ୍କୁ ଦେଖି ଚୋରମାନେ ଗଣ୍ଠୁଲିଟି ନେଇ ପଳାଇଗଲେ। ଧରାପଡ଼ିଯିବା ଭୟରେ, ସମସ୍ତ ଚୋର ସନ୍ଦିପନ ମୁନିଙ୍କ ଆଶ୍ରମରେ ଲୁଚିଗଲେ (ସନ୍ଦୀପନ ମୁନିଙ୍କ ଆଶ୍ରମ ସେହି ଗ୍ରାମ ନିକଟରେ ଥିଲା ଯେଉଁଠାରେ ଭଗବାନ ଶ୍ରୀକୃଷ୍ଣ ଏବଂ ସୁଦାମା ଶିକ୍ଷା ଗ୍ରହଣ କରୁଥିଲେ)।

ଗୁରୁମାତା ଅନୁଭବ କଲେ ଯେ ଆଶ୍ରମରେ କେହି ପ୍ରବେଶ କରିଛି ଏବଂ ସେ ଦେଖିବାକୁ ଆଗକୁ ବଢ଼ିଲେ। ଚୋରମାନେ ଭୟଭୀତ ହୋଇ ଆଶ୍ରମରୁ ପଳାଇଗଲେ / ଦୌଡ଼ି ପଳାଇବା ସମୟରେ, ଚୋରମାନେ ସେହି ଗଣ୍ଠୁଲିଟିକୁ ସେଠାରେ ଛାଡି ଦେଲେ। ଯେତେବେଳେ ଭୋକିଲା ବ୍ରାହ୍ମଣୀ ଜାଣିଲେ ଯେ ତାଙ୍କର ଚଣା ଚୋର ଚୋରି କରି ନେଇଛି, ସେ ତାଙ୍କୁ ଅଭିଶାପ ଦେଲେ, 'ଯେଉଁ ଲୋକ ଏହି ଅସହାୟ ଏବଂ ଗରିବ ସ୍ତ୍ରୀର ଚଣା ଖାଇବ, ସେ ଗରିବ ହୋଇଯିବ।' ଅନ୍ୟପକ୍ଷରେ, ସକାଳେ ଯେତେବେଳେ ଗୁରୁମାତା ଆଶ୍ରମ ଝାଡୁ କରିବା ଆରମ୍ଭ କଲେ, ଝାଡୁ କରିବା ସମୟରେ ସେ ସେହି ସମାନ ଚଣା ଗଣ୍ଠୁଲିଟି ପାଇଲେ। ଗୁରୁ ମାତା ଗଣ୍ଠିଟି ଖୋଲି ଦେଖିଲେ ଯେ ଏଥିରେ ଚଣା ଅଛି। ସୁଦାମା ଏବଂ ଶ୍ରୀକୃଷ୍ଣ ଜଙ୍ଗଲରୁ କାଠ ଆଣିବାକୁ ଯାଉଥିଲେ। ଗୁରୁମାତା ସେହି ଚଣା ଗଣ୍ଠୁଲିଟିକୁ ସୁଦାମାଙ୍କୁ ଦେଇ କହିଲେ, ପୁଅ ! ଯେତେବେଳେ ତୁମେ ଜଙ୍ଗଲରେ ଭୋକ ଅନୁଭବ କରିବ, ତୁମେ ଦୁହେଁ ଏହି ଚଣା ମିଶି ଖାଇବ। ସୁଦାମା ଜନ୍ମରୁ ବ୍ରହ୍ମଜ୍ଞାନୀ ଥିଲେ; ସୁଦାମା ଚଣା ଗଣ୍ଠୁଲିଟିକୁ ହାତରେ ନେବା ମାତ୍ରେ ସେ ସମ୍ପୂର୍ଣ୍ଣ ରହସ୍ୟ ଜାଣିପାରିଲେ। ସୁଦାମା ଭାବିଲେ ! ଗୁରୁ ମାତା କହିଛନ୍ତି ଯେ ତୁମେ ଦୁହେଁ ଏହି ଚଣାକୁ ସମାନ ଭାବରେ ବାଣ୍ଟି ଖାଇବ ବୋଲି, ଯଦି ମୁଁ ଏହି ଚଣା ତ୍ରିଭୁବନପତି ଶ୍ରୀକୃଷ୍ଣଙ୍କୁ ଖାଇବାକୁ ଦିଏ ତେବେ ସମଗ୍ର ବିଶ୍ୱ ଦରିଦ୍ର ହୋଇଯିବ, ମୁଁ ଏହା କରିବି ନାହିଁ, ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ମୋର ପ୍ରଭୁଙ୍କୁ କେବେ ଗରିବ ହେବାକୁ ଦେବି ନାହିଁ, ମୁଁ ଏହି ଚଣା ନିଜେ ଖାଇବି କିନ୍ତୁ କୃଷ୍ଣଙ୍କୁ ଖାଇବାକୁ ଦେବି ନାହିଁ, ଏବଂ ସୁଦାମା ସମସ୍ତ ଚଣା ଖାଇ ନିଜେ ଦାରିଦ୍ର୍ୟର ଅଭିଶାପ ନେଇଥିଲେ, କିନ୍ତୁ ତାଙ୍କ ବନ୍ଧୁ ଶ୍ରୀକୃଷ୍ଣଙ୍କୁ ଗୋଟିଏ ଚଣା ମଧ ଦେଇ ନଥିଲେ। ଏହା ହିଁ ହେଉଛି ଭକ୍ତ ଓ ଭାଗବାନଙ୍କର ସମ୍ପର୍କ। ଶ୍ରୀକୃଷ୍ଣଙ୍କୁ ଅଭିଶାପରୁ ରକ୍ଷା କରିବା ପାଇଁ ସୁଦାମା ଜୀବନବ୍ୟାପି ଦାରିଦ୍ର୍ୟକୁ ଗ୍ରହଣ କରିଥଲେ।

**ଶ୍ରୀବସ୍ତ ନାୟକ,**
**ଅଧ୍ୟାପକ, ବାଣିଜ୍ୟ ବିଭାଗ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ**


## ଏହି ସପ୍ତାହ, ସେହି ବର୍ଷ (ସେପ୍ଟେମ୍ବର ୭-୧୩)

### ଏଇ ସପ୍ତାହ

ସେପ୍ଟେମ୍ବର ୭, ୧୯୦୬-ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସ୍ଥାପନା ହୋଇଥିଲା।




ସେପ୍ଟେମ୍ବର ୮, ୨୦୦୬- ମହାରାଷ୍ଟ୍ରର ନାସିକ ଜିଲ୍ଲାରେ ବୋମା ବିସ୍ଫୋରଣ ହୋଇଥିଲା।



ସେପ୍ଟେମ୍ବର ୯, ୧୯୪୫-ପ୍ରଥମ କମ୍ପ୍ୟୁଟର ବଗ୍‌ର ଅନ୍ୱେଷଣ କରାଯାଇଥିଲା।




ସେପ୍ଟେମ୍ବର ୧୦, ୨୦୦୨- ସ୍ୱିଜରଲ୍ୟାଣ୍ଡ ମିଳିତ ଜାତିସଂଘର ସଦସ୍ୟ ହୋଇଥିଲା।




ସେପ୍ଟେମ୍ବର ୧୧, ୧୮୯୬- ଆମେରିକାର ଚିକାଗୋ ସହର ଠାରେ ପ୍ରଥମ ବିଶ୍ୱ ଧର୍ମ ସମ୍ମିଳନୀର ଆୟୋଜନ କରାଯାଇଥିଲା।



ସେପ୍ଟେମ୍ବର ୧୨, ୧୮୭୩-ପ୍ରଥମ ଟାଇପ୍‌ରାଇଟର୍‌ର ବିକ୍ରି ହୋଇଥିଲା।



ସେପ୍ଟେମ୍ବର ୧୩, ୧୯୨୯-ଅନଶନ କରିବାର ୬୩ ଦିନ ପରେ ଲାହୋର ଜେଲ୍ ଠାରେ ଯତୀନ ଦାସଙ୍କର ମୃତ୍ୟୁ ହୋଇଥିଲା।



# ପ୍ରକୃତ ବିଦ୍ୟା



ଡ଼ଃ.ଅରୁନ୍ଧତୀ ଦେବୀ

ପ୍ରାଚୀନ ଗୁରୁକୁଳରେ ଶିଷ୍ୟ ଗୁରୁଙ୍କ ତତ୍ତ୍ୱାବଧାନରେ ଶିକ୍ଷା ସମାପନ କରିବା ପରେ ଗୁରୁ ତାକୁ ଯେଉଁ ଉପଦେଶ ଦେଉଥିଲେ ଅନ୍ୟ ଦେଶରେ ମଧ୍ୟ ସେ ସବୁର ପଟ୍ଟାନ୍ତର ନାହିଁ 'ମାତୃ ଦେବୋ ଭବ' (ମା ତୁମର ଈଶ୍ୱର ହୁଅନ୍ତୁ), 'ପିତୃ ଦେବୋ ଭବ' (ପିତା ତୁମର ଈଶ୍ୱର ହୁଅନ୍ତୁ), 'ଆଚାର୍ଯ୍ୟ ଦେବୋ ଭବ' (ଗୁରୁ ତୁମର ଈଶ୍ୱର ହୁଅନ୍ତୁ), 'ସତ୍ୟଂ ବଦ' (ସତ୍ୟ କୁହ), 'ଧର୍ମଂ ଚର' (ଉଚିତ ରୂପେ କର୍ମ କର), 'ନେ ଇତରାଣ' (ଅନ୍ୟ ପନ୍ଥା ଅବଲମ୍ବନ କର ନାହିଁ।) ଏସବୁ ଥିଲା ଆଦେଶ। ସମସ୍ତ ଅଧର୍ମ କାର୍ଯ୍ୟରୁ ନିବୃତ୍ତ ହୁଅ। ଯାହା ତୁମର ପ୍ରଗତି ପାଇଁ ସହାୟକ ହେବ କେବଳ ସେଭଳି କର୍ମରେ ଲିପ୍ତ ରହ। ଏହା ହିଁ ଥିଲା ଉପଦେଶ। ପୃଥିବୀ ପାଇଁ ଶାନ୍ତି ପ୍ରାର୍ଥନା କରି ବେଦା, ଉପନିଷଦ ଯେତେବେଳେ ଶାନ୍ତିଃ ଶାନ୍ତିଃ ଶାନ୍ତିଃ କହନ୍ତି ସେମାନେ ଏହି ଆଦେଶ ପ୍ରସଙ୍ଗ ଉତଥାପନ କରିଥାନ୍ତି।



ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ବିଜୟ ଆଶା କରନ୍ତି। ସମସ୍ତେ ଧନ ଚାହାନ୍ତି କେହି ଦାରିଦ୍ର୍ୟ କାମନା କରନ୍ତି ନାହିଁ। ମାତ୍ର ବିଜୟ ଅଥବା ସଂପଦ କିପରି ଅର୍ଜନ କରାଯାଇ ପାରିବ ? ଏହା ଚିନ୍ତା ଏବଂ ଆବିଷ୍କାର କରିବାକୁ ହେବ। ସମାଧାନ ନିମନ୍ତେ ଆମେ ଦୀର୍ଘକାଳ ଅନୁସନ୍ଧାନ କରିବା ଅନାବଶ୍ୟକ। ମହାଭାରତରେ ସଂଜୟ ରାଜା ଧୃତରାଷ୍ଟ୍ରଙ୍କୁ କହିଛନ୍ତି 'ଯେଉଁ ପକ୍ଷରେ ଯୋଗେଶ୍ୱର କୃଷ୍ଣ ଏବଂ ଧନୁର୍ଦ୍ଧର ଅର୍ଜୁନ ରହିଛନ୍ତି ସେହି ପକ୍ଷ ବିଜୟୀ ଓ ଶ୍ରୀମଣ୍ଡିତ ହେବ।' ଏହାଠାରୁ ଅଧିକ ଉପଦେଶ ଆମେ ଅନ୍ୱେଷଣ କରିବା କାହିଁକି ? ବିଜୟ ଲାଭ ନିମନ୍ତେ ଦୈହିକ, ମାନସିକ ଏବଂ ବୌଦ୍ଧିକ, ଏହି ତ୍ରିମୁଖୀ ସଂଗ୍ରାମ ଅନାବ୍ୟଶକ। ଜଣେ ବିବ୍ରତ ଅଥବା ଉଦବିଗ୍ନ ହେବା ଅନାବଶ୍ୟକ। ସଂପଦ ଏବଂ ସମୃଦ୍ଧି ନିମନ୍ତେ ଅଶ୍ରୁ ବର୍ଷଣ କରିବା ଅନାବଶ୍ୟକ। ଭଗବାନଙ୍କର ଶରଣାପନ୍ନ ହୁଅ, ସାହସର ଧନୁ ଧାରଣ କର, ଅର୍ଥାତ୍ ହୃଦୟ ନିର୍ମଳ କର। ତାହା ହିଁ ଯଥେଷ୍ଟ। ତୁମେ ବିଜୟୀ ଓ ଶ୍ରୀମଣ୍ଡିତ ହେବ। ମାତ୍ର ତୁମେ ଯେତେବେଳେ ବିଜୟ ଓ ସଂପଦର ଅନୁସରଣ କରୁଛ ସ୍ମରଣ ରଖ ଯେ ସେଗୁଡ଼ିକ ଛାୟା ମାତ୍ର, ସେ ସବୁର କୌଣସି ବାସ୍ତବତା ନାହିଁ। ତୁମେ ନିଜର ଛାଇକୁ ଧରିପାରିବ ନାହିଁ, ସୂର୍ଯ୍ୟକୁ ପଛ କରି ନିୟୁତ ବର୍ଷ ଏଥିପାଇଁ ତୁମେ ଉଦ୍ୟମ କରିପାର। କାରଣ ଏହା ଦ୍ରୁତତର ଗତିରେ ପଳାୟନ କରେ ଏବଂ ସର୍ବଦା ତୁମ ଠାରୁ ଦୂରକୁ ଚାଲିଯାଏ। କିନ୍ତୁ ସୂର୍ଯ୍ୟକୁ ସାମ୍ନା କରି ତୁମେ ଯଦି ଅଗ୍ରସର ହୁଅ ତାହେଲେ ତୁମର ପଥପ୍ରଦର୍ଶକ ହେବା ପରିବର୍ତ୍ତେ ଛାୟା ତୁମ ପଛପଟେ ରହିବ ଏବଂ ତୁମକୁ ଅନୁସରଣ କରିବ। ଗୋଟିଏ କ୍ରୀତଦାସ ପରି ଏହା ତୁମର ପଦାଙ୍କ ଅନୁସରଣ କରିବ। ଛାୟାକୁ ମାୟାର ପ୍ରତୀକ ବୋଲି ମନେକର। ତୁମେ ମାୟାର ଅନୁସରଣ କରୁଥିବା ପର୍ଯ୍ୟନ୍ତ ମାଧବ ଉପେକ୍ଷିତ ଓ ଅଦ୍ୟଶ୍ୟ ହେବେ। ତୁମେ ତାଙ୍କର ଶୁଭଦୃଷ୍ଟି ପାଇବ ନାହିଁ। ଜନ୍ମ ମୃତ୍ୟୁର ବନ୍ଧନ ମଧ୍ୟରେ ତୁମେ ବନ୍ଦୀ ହେବ ଏବଂ ସର୍ବଦା ବନ୍ଧନରେ ରହିବ। ନିର୍ଭର କରିବା ପରିବେଶରୁ ନିଜକୁ ମୁକ୍ତି ପାଇଁ ଜଣେ ଉଦ୍ୟମୀ ହେବା ଉଚିତ। ନଚେତ ଇନ୍ଦ୍ରିୟ ସଂଭୋଗ ନିମନ୍ତେ ଜଣେ ଯଦି ସବୁମନ୍ତେ ଉଦ୍ୟମ କରେ ଏହା ନିଶ୍ଚିତ ରୂପେ ତାର ଅଜ୍ଞତା ସୂଚିତ କରିବ।

ଭାରତୀୟ ଜୀବନର ଏହି ଦିଗଦର୍ଶକ ନିୟମମାନ ଦେଶର ଭୌଗୋଳିକ ସୀମା ଦ୍ୱାରା ସୀମିତ ନଥିଲା। ଏଇ ଦେଶର ଲୋକମାନେ ଇଛା କଲେ ବା ନକଲେ ମଧ୍ୟ ସେମାନେ ଅନ୍ୟ ଦେଶକୁ ପରିବ୍ୟାପ୍ତ ହେଉଛନ୍ତି। ନିଜର ମୂଲ୍ୟବୋଧଗୁଡ଼ିକ ଚିନ୍ତା ଓ ଅନୁଭୂତିରେ ପୂର୍ଣ୍ଣ କରି ସେମାନେ ସାହିତ୍ୟକୁ ରୂପାନ୍ତରିତ କରୁଛନ୍ତି। ପ୍ରାକୃତିକ ବିଜ୍ଞାନ ଆତ୍ମା ମାନଙ୍କୁ କେବଳ ଅନ୍ନ, ବସ୍ତ୍ର ଏବଂ ଅନୁରୂପ ପଦାର୍ଥ ଦେଇପାରିବ। କେବଳ ଆଧ୍ୟାତ୍ମିକ ବିଜ୍ଞାନ ଆତ୍ମସତ୍ତାକୁ ଶକ୍ତିମନ୍ତ ଏବଂ ଅପରିବର୍ତ୍ତିତ ରଖିପାରିବ। ଏହି ବିଷୟ ପ୍ରତି ଶିକ୍ଷାର୍ଥୀ ମାନେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଯଦି ଆତ୍ମସତ୍ତାର ଶକ୍ତି ନାହିଁ ଅଥବା ଦୃଢ଼ତା ନାହିଁ, ଅନ୍ନ, ବସ୍ତ୍ର ଏବଂ ଅନୁରୂପ ପଦାର୍ଥ ବହୁ ପରିମାଣରେ ଥିଲେ ମଧ୍ୟ ସେ ସବୁ ମୂଲ୍ୟହୀନ।

ଜାତିର ଉନ୍ନତିବିଧାନ କରିବା ଆବଶ୍ୟକ ହେଲେ ନିଜ ମଧ୍ୟରେ ତୁମେ ସମସ୍ତ ଆଧ୍ୟାତ୍ମିକ ଉତ୍ସ ପୁଞ୍ଜିଭୂତ କରିବା ବାଞ୍ଛନୀୟ। ଅତୀତରେ ଆବଶ୍ୟକତା ଜଣା ଥିଲା ଏବଂ ଆବଶ୍ୟକତା ପୂରଣ କରିବା ପାଇଁ ଉଦ୍ୟମ ହେଉଥିଲା। ଭବିଷ୍ୟତରେ ମଧ୍ୟ ଏହି ଆବଶ୍ୟକତା ଅନୁଭୂତ ହେବ ଏବଂ ପୂର୍ଣ୍ଣ ହେବ। ଅର୍ଥାତ୍ ଆଜି ଯେଉଁସବୁ ଆଧ୍ୟାତ୍ମିକ ଅନୁରାଗ, ପ୍ରତ୍ୟୟ ଓ ଅଭିଳାଷ ଦୁର୍ବଳ ଏବଂ ବିପର୍ଯ୍ୟସ୍ତ ହୋଇଛି ସେସବୁକୁ ପରସ୍ପର ସହିତ ଐକ୍ୟବଦ୍ଧ ଏବଂ ପୁନଃ ପ୍ରଚଳିତ କରିବାକୁ ହେବ। ଭାରତୀୟ ଧର୍ମର ଅନନ୍ୟ ବିଭାଗଗୁଡ଼ିକ ଏଇ ଦୃଢ଼ ଭିତ୍ତି ଗଠନ କରିଛି। ସେ ସବୁ ଆକାଶ ପରି ପ୍ରଶସ୍ତ ଏବଂ ପ୍ରକୃତି ପରି ଶାଶ୍ୱତ। ଧର୍ମର ଅଂଶସ୍ୱରୂପ ଜାତି ଓ ସଂପ୍ରଦାୟ ବୃକ୍ଷର ଶାଖା ରୂପେ ଅବସ୍ଥାନ କରିପାରେ। ଜଣେ ସେଗୁଡ଼ିକୁ ଭୁଲ ବୋଲି ଧିକାର କରିବା ଅନାବଶ୍ୟକ। ମାତ୍ର କୌଣସି ଶାଖା ଅନ୍ୟ ଏକ ଶାଖା ସହିତ ସଂଗ୍ରାମ ବା ପ୍ରତିଯୋଗିତା କରିବା ଅନୁଚିତ। ତା ହେଲେ ବୃକ୍ଷଟି ଧ୍ୱଂସ ହେବ ଏବଂ ସବୁକିଛି ବିଧ୍ୱସ୍ତ ହେବ। ଜାତି ଗୁଡ଼ିକ ପ୍ରତିଯୋଗିତାପୂର୍ଣ୍ଣ ବିଭେଦରେ ଲିପ୍ତ ହେଲେ ଧର୍ମ ଧ୍ୱଂସ ହୁଏ ଏବଂ ବିଶ୍ୱ ବିନାଶ ହୁଏ। 'ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି'।

ଭଗବାନଙ୍କର ସ୍ୱଭାବ ଏବଂ ବିଭାବ, ରୂପ ଓ ଗୁଣ ନେଇ ଆମ ପ୍ରତ୍ୟେକଙ୍କର ପୃଥକ ଧାରଣା ଥାଇପାରେ। ଜଣେ ବିଶ୍ୱାସ କରିପାରେ ଭଗବାନଙ୍କର ମାନବ ଗୁଣାବଳୀ ଓ ରୂପ ରହିଛି। ଆଉ ଜଣେ ମାନବ ରୂପ ଓ ସଂକେତହୀନ ଭଗବାନଙ୍କୁ ବିଶ୍ୱାସ କରିପାରେ, ମାତ୍ର ତାଙ୍କ ସ୍ୱରୂପକୁ ଅସ୍ୱୀକାର କରିପାରେ। ଆଉ ଜଣେ ଭଗବାନଙ୍କୁ ସମ୍ପୂର୍ଣ୍ଣ ନିରାକାର ରୂପେ ଗ୍ରହଣ କରିପାରେ। ଏମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ଯୁକ୍ତି ସପକ୍ଷରେ ବେଦରୁ ଶ୍ଳୋକ ଉଦ୍ଧାର କରିପାରିବେ। କାରଣ ସମସ୍ତେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି, ଅର୍ଥାତ୍ ଉତ୍ସ, ଆଧାର ଓ ପରିପୋଷାକ ରୂପେ ଏକ ରହସ୍ୟମୟୀ ଶକ୍ତିକୁ ବିଶ୍ୱାସ କରନ୍ତି। ଏହି ସତ୍ୟ ବେଦରେ ଉଦଘୋଷିତ ଏବଂ ବିସ୍ତୃତ ଭାବେ ବର୍ଣ୍ଣିତ। ଈଶ୍ୱରଙ୍କ ନାମ ବା ରୂପ ସମ୍ପର୍କରେ ଯେଉଁସବୁ ଶିକ୍ଷା ଦିଆଯାଏ ସେଗୁଡ଼ିକ ଅତୀବ ଗୁରୁତ୍ୱପୂର୍ଣ୍ଣ ନୁହେଁ, ସେ ସବୁର ସ୍ୱାତନ୍ତ୍ର୍ୟ ଏବଂ ପ୍ରଭେଦ ସମ୍ପର୍କରେ ଆଦୌ ବିବାଦ କରିବା ଅନାବଶ୍ୟକ। ଭଗବାନଙ୍କ ସମ୍ପର୍କରେ ଉପଦେଶ ପ୍ରଦାନ ହିଁ ବଡ଼ ସେବା। ପୃଥିବୀ ଏବଂ ଯେଉଁ ବିଶ୍ୱର ଏହା ଏକ ଅଂଶ, ସେସବୁ ସହସ୍ର ବର୍ଷ ତଳେ ସ୍ଥିତିବାନ ହୋଇଛି ଏବଂ ଭବିଷ୍ୟତରେ କେବେ ସେ ସବୁର ବିଲୟ ହେବ ବୋଲି ଅନ୍ୟମାନେ ଯେଭଳି ଭାବନ୍ତି ଭାରତୀୟମାନେ ସେହି ଦୃଷ୍ଟଭଙ୍ଗୀ ଗ୍ରହଣ କରନ୍ତି ନାହିଁ। ବିଶ୍ୱ ଯେ ଶୂନ୍ୟରୁ ସୃଷ୍ଟି ହୋଇଛି ଏହି ମନ୍ତବ୍ୟକୁ ମଧ୍ୟ ସେମାନେ ଗ୍ରହଣ କରନ୍ତି ନାହିଁ। ସେମାନେ ବିଶ୍ୱାସ କରନ୍ତି ପ୍ରକୃତି ଶୂନ୍ୟସୃଷ୍ଟି ନୁହେଁ, ଏହା ସର୍ବଦା ପୂର୍ଣ୍ଣ। ଏହାର ଆଦି ନାହିଁ କି ଅନ୍ତ ନାହିଁ। ଏହାର କେବଳ ସ୍ଥୂଳ ଏବଂ ସୂକ୍ଷ୍ମ ରୂପ ଅଛି। ପୂର୍ଣ୍ଣତାର କୌଣସି ପ୍ରମାଣ ନଥିବାରୁ ଆରମ୍ଭରୁ ଯେ ଶୂନ୍ୟ ରହିବ ଏ



ପ୍ରକାର ଅନୁମାନ କରିବା କୌଣସି ଜ୍ଞାନର ସଂକେତ ନୁହେଁ। ବିଚାର କରିବା ପାଇଁ ଅସ୍ତିତ୍ୱର ଅନ୍ୟ ସ୍ତରମାନ ରହିଛି।




ଦୃଷ୍ଟାନ୍ତସ୍ୱରୂପ, ମଣିଷ ସମ୍ପୂର୍ଣ୍ଣ ରୂପେ ଶରୀର ନୁହେଁ। ତାର ସ୍ଥୂଳ ଶରୀରରେ ଗୋଟିଏ ସୂକ୍ଷ୍ମ ଶରୀର ରହିଛି। ଏହାର ନାମ ମନ। ଏତଦଭିନ୍ନ ତାର ଆଉ ଏକ ଶରୀର ଅଛି। ମନ ଠାରୁ ତାହା ଆହୁରି ସୂକ୍ଷ୍ମ। ତାର ନାମ ଜୀବାତ୍ମା। ଶେଷଟିର ଆଦ୍ୟ ନାହିଁ କି ପ୍ରାନ୍ତ ନାହିଁ। ଏହାର ମୃତ୍ୟୁ ନାହିଁ କି ଧ୍ୱଂସ ନାହିଁ। ଏହି ସତ୍ୟକୁ ଭାରତୀୟମାନେ ବିଶ୍ୱାସ କରନ୍ତି। ଏହି ବିଶ୍ୱାସ ବେଦବାଣୀ ଉପରେ ଆଧାରିତ। ଈଶ୍ୱର ଉପାସନା କରିବା ସମୟରେ ଆମ୍ଭେମାନେ ଆଖି ବନ୍ଦ କରିଥାଉ। ଆମ୍ଭମାନଙ୍କର ମୁଖ ଉତ୍ତୋଳିତ କରି ଏବଂ ଉପରକୁ ଅନାଇ ବାହାରେ ଆମ୍ଭେମାନେ ଈଶ୍ୱରଙ୍କର ସନ୍ଧାନ କରିବା ପାଇଁ ଚେଷ୍ଟା କରୁନା। ଈଶ୍ୱରଙ୍କ ଦ୍ୱାରା ଉଦବୁଦ୍ଧ ବ୍ୟକ୍ତିମାନେ ଧର୍ମଗ୍ରନ୍ଥ ରଚନା କରିଛନ୍ତି ବୋଲି ଅନ୍ୟମାନେ କହିଥାନ୍ତି। ଭାରତୀୟମାନଙ୍କର ବିଶ୍ୱାସ ମୁନି ମାନଙ୍କ ହୃଦୟରୁ ଧ୍ୱନିତ ହୋଇଥିବା ବେଦ ହେଉଛି ଈଶ୍ୱରଙ୍କର ଅଭ୍ରାନ୍ତ ସ୍ୱର।


**ନିର୍ଦ୍ଦେଶିକା-ସମ୍ପାଦିକ,**
**ଆନ୍ତର୍ଜାତିକ ଅଶୋଭନୀୟ ନିରୋଧ ଆନ୍ଦୋଳନ, କଟକ,**
**ଦୂରଭାଷ : ୯୯୩୭୧୭୨୮୧୦**


## ଜୀବନେ ଯାଇଛି ବିତି... ଅନେକ ଅଭୁଲା ଦିନ

# ଗାଆଁରେ ପିଲାଦିନ

### ହୃଦାନନ୍ଦ ପାଣିଗ୍ରାହୀ












ମା’ ମୋତେ କେତେବାର କହିଚି- ‘କେତେ ଦିଅଁକୁ ପ୍ରାର୍ଥନା କରି ମୁଁ ତୋତେପାଇଛି।’ ଗାଆଁ ମାଟିର ଚେରମୂଳି, ପଥି ରକ୍ଷାକବଚ ସାଜିଛି ଏ ଜୀବନରେ। ଝାଡ଼ପଟା ଗାଆଁରେ ବଇଦପୁର ବୋଲି ଖ୍ୟାତ ଆମ ସାହି, ଯା’ର ଖୁବ୍ ନାଆଁଡାକ ଥିଲା। ଆମ ଘରେ ଭାଗବତ ପାଠ ହେଉଥିଲା। ମା’ ଥିଲେ ଧର୍ମପରାୟଣା।

ଭାଗବତ ପାଠ ବଢ଼ିବା ପରେ ପୂଜା ଓ ଭୋଗ ବଣ୍ଟା। କୁଳର ମଙ୍ଗଳ ପାଇଁ ପୁରୋହିତଙ୍କର ଆଶୀର୍ବାଦ ପ୍ରଦାନ। ବିଶ୍ୱାସ ଓ ସଂଗତି ଏ ଜୀବନକୁ ଖୁବ୍ ମହିମାନ୍ୱିତ କରିଛି ବୋଲି ମୋର ଏ ଉତ୍ତର ବୟସରେ ଉପଲବ୍ଧିଟିକୁ ତେଜି ଦେଉଛି। ମା’ ମୋ ପାଇଁ ବିଭିନ୍ନ ଓଷାବ୍ରତ କରୁଥିଲା। ମାନସିକ ପୂରଣ ପାଇଁ ତ୍ରିନାଥ ମେଳା, ପଞ୍ଚାନନ ମେଳାର ଆୟୋଜନ ହେଉଥିଲା ସମୟେ ସମୟରେ ଆମ ଘର ଭିତରେ।

ଏଇ ମାଟିରେ ପାଦ ଦେଇ ମୁଁ ଚାଲି ଶିଖିଛି। ସ୍ନେହ ଆଦରରେ ବଢ଼ିଛି। ଆଧ୍ୟାତ୍ମିକ ପରିବେଶର ଛାପ ମୋ ଜୀବନକୁ ଯଥେଷ୍ଟ ଉଦ୍‌ବୁଦ୍ଧ କରିଛି। ଧୂଳିବାଲିରେ କେତେ ଖେଳିଛି। ବାପା, ମାଆ, ମାମୁଁମାଇଁ ବନ୍ଧୁବାନ୍ଧବଙ୍କ ସ୍ନେହ ଆଦର ମୋତେ ମମତାରେ ସିକ୍ତ କରିଛି। ସଞ୍ଜବେଳେ ବାପାଙ୍କ ପିଠିରେ ନାଉ ହେଇଛି। ସାଙ୍ଗସାଥିଙ୍କ ମେଳରେ ଖେଳୁଖେଳୁ ତଳେ ପଡ଼ିଗଲେ ବାଟଗଲା ଲୋକ ମୋତେ ଉଠେଇ ଦେବା, ମନ ମାରି କାନ୍ଦୁଥିଲେ ବୋଧଦେବା ଏସବୁ ସେତେବେଳେ ଗାଆଁରେ ଥିଲା ସାଧାରଣ ଦୃଶ୍ୟପଟ୍ଟ।

ମୋର ଖଡ଼ି ଛୁଆଁ ବେଳର ଗ୍ରହ ବିପ୍ରଙ୍କର ଭାଗ୍ୟ ଭବିଷ୍ୟତ ସମ୍ପର୍କରେ ଅନେକ କଥା ମୋ କାନରେ ବାଜିଛି। ଅଳ୍ପ ପାଠପଢ଼ିଥିବା ମୋ ବାପା ଓ ନିରକ୍ଷରା ମାଆର ଉକ୍ତି ବିଶ୍ୱାସରେ ମୋ ଜୀବନ ସ୍ରୋତଟି ଥିଲା ବେଶ୍ ଉଚ୍ଛ୍ୱଳ। ମା ତା’ ସରାଗପଣରେ ଗଢ଼ି ଦେଉଥିଲା ଏ ମନ ରାଇଜରେ ନୂଆ ନୂଆ କଳ୍ପନା। ମୋର ସବୁ ଅଳିଅଝଟକୁ ସେ ସହୁଥିଲା। ସୁଖରେ ହେଉକି ଦୁଃଖରେ ତା’ ମୁହଁରୁ ବାହାରି ପଡୁଥିଲା ନୀତିକଥା, ସୁନ୍ଦର ସୁନ୍ଦର ଛଟା ଓ ଦାୟିକା।

ଶୀତ ସକାଳରେ ଖରା ପୋଇଁବାର ଦୃଶ୍ୟଥିଲା ବେଶ୍ ମନୋରମ ସ୍ଥାନେ ସ୍ଥାନେ ଏକାଠି ହେଇ ନିଆଁ ପୋଇଁବାର ମଜା ମନେ ପଡ଼ିଯାଉଛି। ଏଇଠି ନଈ ପୋଖରୀ ପାଣିରେ ହାତଗୋଡ଼ କଚାଡ଼ି କେତେ ପହଁରିଛି। ପୋଖରୀରୁ କଇଁ ଫୁଲ ତୋଳିଛି। ବର୍ଷା ଦିନେ ବାଲି ମାଟିରେ ଫୁଟିଥିବା ଛତୁ ତୋଳି ଆଣି ଘରେ ମା’କୁ ଦେଇଛି। ଖରାଦିନେ ନଈ ପୋଖରୀ କୂଳରେ ବସି ସାଙ୍ଗମାନଙ୍କ ଗହଣରେ ମିଠା ପବନର ସୁଆଦ ଚାଖିଛି। ଥୁରୁଥୁରୁ ଶୀତରେ ମା’ କହେ ’ଗୀତ ଗାଇଲେ ଶୀତ ଛାଡ଼ିଯିବ’। ଚୁଲୀ କନ୍ଧା ପାଖରେ ମୋତେ ବସାଇ ମା’ ମୋ ପାଦ ସେକି ଦେଇଛି ଅନେକ ଥର। ଶୀତ ଛାଡ଼ି ଛାଡ଼ି ଆସିଲେ ମା’ କହୁଥିଲା- ‘ଅଘି ଜଳିଲା/ ଶୀତ ଟଳିଲା’/ ଗାଆଁ ମୁଣ୍ଡରେ ଛକ ଜାଗାରେ ଅଘିରା ପୁନେଇଁ ଉତ୍ସବ ପାଳନ କରିବାର ବିଧିଟିଏ ଥିଲା । ଗାଆଁ ଲୋକେ ଫି ’ଘରୁ ଛ’ଣ ଆଣି ଏଇଠି ଏକାଠି କରି ରଖନ୍ତି। ପୂଜାପାଠ କରି ଅଗ୍ନି ସଂଯୋଗ କରନ୍ତି। ପନିପରିବା ସବୁ ତା’ ଭିତରକୁ ଫିଙ୍ଗାଯାଏ। ଅଘିରା ଶୀତଳ ହେଲେ ତା’ ଭିତରୁ ସେସବୁ ସଂଗ୍ରହ କରି ମନ ଆନନ୍ଦରେ ବାଣ୍ଟି ଖାଆନ୍ତି। ଏବେ ସେ ଆନନ୍ଦ ଦୁର୍ଲଭ ହେବାକୁ ବସିଛି।

ଆଗେ ବଡ଼ସାନ ବିଚାର ଗ୍ରାମବାସୀଙ୍କ ମନରେ ଯେମିତି ଥିଲା, ଏବେ ସେସବୁ ନାହିଁ। ଛୋଟ ପିଲାଟିକୁ କେହି ଚଟ୍ ଚାପୁଡ଼େ ପକେଇ ଦେଲେ ସେଥିରେ ଅନ୍ୟମାନେ ସେ କଷ୍ଟକୁ ସହିପାରନ୍ତିନି। ଲୋକବିଶ୍ୱାସଟି ହେଲା, ଛୋଟ ପିଲାଟିର ମନ ପାପ ଶୂନ୍ୟ, ତା’ ଭିତରେ ଠାକୁର ଅଛନ୍ତି। ଲୋକେ ବାଳୁତ ପିଲା ଭିତରେ ଦିବ୍ୟତ୍ୱକୁ ହିଁ ଦେଖିଥାନ୍ତି। ତାକୁ ଶ୍ରଦ୍ଧା କରନ୍ତି। ତା’ ଚଗଲାମିକୁ କ୍ଷମା କରିଦିଅନ୍ତି। ଗାଆଁ ସ୍କୁଲରେ ପହିଲେ ପାଠପଢ଼ାର ଆରମ୍ଭ। ତା’ପରେ ଗଲି ହରିଶଙ୍କରପୁର ସ୍କୁଲରେ ପାଠପଢ଼ିବାକୁ। ମୋ ପାଠପଢ଼ାରେ ମନଯୋଗ କ୍ଷେତ୍ରରେ ଚିତା ଚୈତନ୍ୟ ଧାରୀ ଲମ୍ବୋଦର ପାଢ଼ୀଙ୍କ ଭୂମିକା ଥିଲା ଅନବଦ୍ୟ। ପାଠ ପ୍ରତି ଆଗ୍ରହ ଜନ୍ମାଇବା କ୍ଷେତ୍ରରେ ଥିଲା ତାଙ୍କର ନିରନ୍ତର ପ୍ରୟାସ। ସେଠାରେ ପ୍ରଧାନ ଗୁରୁଜୀ ଥିଲେ ଭଗବାନ ପାଣିଗ୍ରାହୀ ଯେକି ଜଣେ କୃତି ଶିକ୍ଷକ ଭାବେ ରାଜ୍ୟପାଳ ପୁରସ୍କାରରେ ବିଭୂଷିତ ହୋଇଥିଲେ। ମୋତେ ରମାକାନ୍ତ ସାର୍ ଖୁବ୍ ଶ୍ରଦ୍ଧା କରୁଥିଲେ। ସଂଯୋଗବଶତଃ ମୋର ବିବାହ କ୍ଷେତ୍ରରେ ଭଗବାନ ଗୁରୁଜୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଭଗବାନ ସାର୍ ମୋ ବିବାହଉତ୍ସବରେ ଯୋଗ ଦେବାର ଆନନ୍ଦ ମୋ ସ୍ମୃତିରେ ସାଇତା ହୋଇ ରହିଛି।

ଅଳ୍ପ ପାଠ ପଢ଼ିଥିବା ମୋ ବାପା ଜଣେ ଭଲ କୃଷକ ଥିଲେ। କଠିନ ପରିଶ୍ରମ କରି ଧନଧାନ୍ୟରେ ପରିପୂର୍ଣ୍ଣ କରିଥିଲେ ଘର। ପରବର୍ତ୍ତୀ ସମୟରେ ରାମନାରାୟଣ ହାଇସ୍କୁଲରେ ଅଧ୍ୟୟନ କାଳରେ ବିନୋଦ ସାର୍ (ବିନୋଦ ବିହାରୀ ପାଣିଗ୍ରାହୀ) ମୋ ସାହିତ୍ୟ ରୁଚିକୁ ଜାଗ୍ରତ କରିଥିଲେ। ଆମ ଘରଥିଲା ମାଟି କାନ୍ଥର ଘର, ଚାଳ ଛପର। ସେ ଚାଳକୁ କୁହାଯାଉଥିଲା ଗଜଗିରା ଚାଳ। ଘରଟିକୁ ଆକର୍ଷଣୀୟ କରିବା ଦିଗରେ ମୋ ମାମୁ ଘର ଗାଆଁ ବଢ଼େଇବାଡ଼ିର ବେଶ ପ୍ରସିଦ୍ଧି ଅର୍ଜିଥିବା କୃଷ୍ଣ ମହାରଣାଙ୍କ ସହିତ ବାପାଙ୍କର ନିବିଡ଼ ସମ୍ପର୍କ ତାଙ୍କ ହାତ ତିଆରି ଦୁଆର ବନ୍ଧ, କବାଟ, ଝରକା ଠୁଁ ଆରମ୍ଭ କରି ଢିଙ୍କି, ଯନ୍ତ, ସିଡ଼ିଓ, ସିଡ଼ି, ଟାକୁଆ ମୋ ସ୍ମୃତିରେ ରହିଛି। ସେ ଢିଙ୍କି ନାହିଁ କି ଢିଙ୍କିକୁଟା ଚାଉଳ ନାହିଁ। ସିଡ଼ିଓ ଯନ୍ତରେ ପାଣିବୋହି ଫସଲ ଫଳେଇ ବା ନାହିଁ। ଏବେ ମୋ ପଢ଼ାଘରେ ବାପାଙ୍କ ଟାକୁଆଟିଏ ଅଭୁଲା ସ୍ମୃତି ଭାବେ ରଖିଚି। ମୋ ମାଆ ଘରଟିକୁ ମନ୍ଦିର ପରି କରି ରଖିଥିଲା। ସବୁବେଳେ ଘରର ଦାଣ୍ଡଠୁଁ ଧାନ ଖଳା ଖରକା ଖରକି କରି ରଖୁଥିଲା ପରିଷ୍କାର। ବିରି, ମୁଗ, ହରଡ଼, ଧାନ ସବୁ କିଛି ଅମଳ ହେଉଥିଲା ସେହି ଖଳାରେ।

ସେଦିନର ଘର ଛପର କଥା ସ୍ମୃତି ଭିତରକୁ ପଶି ଆସୁଛି। ଡକାହକା ହେଇ ବଡ଼ି ଭୋରୁ ଆସି ହାଜର ଘର ଛପର ବାଲା। ତଳେ ରହନ୍ତି ତଳୁଆ ଉପରେ ଛପରବାଲା। ବାଉଁଶରେ ତିଆରି ସିଡ଼ିଟିଏ ପକେଇ ଉପରକୁ ଉଠି ଛଅଣ ଉଲାରନ୍ତି। ବିଡ଼ା ବାନ୍ଧି ଯନ୍ତ୍ର ସହ ତଳକୁ ଖସାଇ ଦିଅନ୍ତି। ତଳୁଆ ସେସବୁକୁ ଚାରିପଟେ ସଜାଡ଼ି ରଖେ। ତା’ ପରେ କୁଲା ବୟାର ମାରି ଅନ୍ତିକେରଟ, ପିଠି କେରଟକୁ ପାଣିରେ ଭିଜାଇ ଉପରକୁ ପଠାନ୍ତି। ଗଣ୍ଠି ବନ୍ଧା କାମ ସାରି ତଳକୁ ଆସନ୍ତି ଜଳଖିଆ ଖାଇବାକୁ। ପେଟପୂରା ଜଳଖିଆ ଖାଇବା ପରେ ଚା ପାନ ପିଇ ପାନ ଖିଲେ ଧରି ଚାଳକୁ ଉଠନ୍ତି। ତଳୁଆ ତଳୁ ଉପରକୁ ଛାଟନ୍ତି କଳା, ଧଳା ଛଣ, ନୂଆ ପୁରୁଣା ଛଣ ଆବଶ୍ୟକ ଅନୁସାରେ। ଉପରକୁ ଶୁଭୁଥାଏ ‘କଳା’, ‘ଧଳା’ ଶବ୍ଦର ଡାକ। ତଳୁଆ ତଳୁ ଉପରକୁ ଛାଟନ୍ତି ବତା, କେରଟକୁ ସତର୍କତାର ସହ ବନ୍ଧା ଚାଲିଥାଏ ଉଲୁରି ନପଡ଼ିବା ପାଇଁ। ଘର ଛପର ସରି ଯିବା ପରେ ମା ପାଣିନୋଟା, ଆମ୍ବଡାଳ, କିଛି ଫୁଲ ଧରି ହାଜର ହୁଏ। ଘର ଉପରକୁ କିଛି ବିପତ୍ତି ନଆସୁ ଏଥିପାଇଁ ଏ ନିରାଜନା। ଶେଷରେ କାନରେ ପିନ୍ଧିଥିବା ସୁନାକୁ ପାଣିରେ ବୁଡ଼ାଇ ସେଇ ପାଣି ଟିକକ ଛାଟେ ଦିଏ ଚାଳକୁ। ଚଡ଼କ, ମଡ଼କ, ଘରପୋଡ଼ି ବିପତ୍ତିର ନିରାକରଣ ପାଇଁ ଏ ନିବେଦନ ଅଗ୍ନି ଦେବଙ୍କ ପ୍ରତି ସମର୍ପିତ।

ଡିବିରି ଆଲୁଅ, ଲଣ୍ଠନ ଆଲୁଅରେ ସେତେବେଳେ ପାଠପଢ଼ା। ଗୋଡ଼ହାତ ଧୋଇ କଣ ଟିକିଏ ପାଟିରେ ଦେଇ ବସି ଯାଉଥିଲି ବହିପତ୍ର ଧରି। ବାପା କେବେ କେବେ କହୁଥିଲେ, ‘ଘୋଷ୍, ନହେଲେ ଚାଳରେ ଖୋସ୍। ଏହି କଥା ପଦକର ସ୍ପନ୍ଦନ ଉତ୍ସାହିତ କରୁଥିଲା ମୋ ନିଷ୍ଠା ଓ ଆନ୍ତରିକତାକୁ। ପିଣ୍ଡାରେ ବସି ସେ କେବେ କେମିତି ଗାଉଥିଲେ ମନବୋଧ ଚଉତିଶାର କେଇପଦା ସେଗୁଡ଼ିକ ମୋ କାନରେ ପଡୁଥିଲା। ସ୍ଥଳ ବିଶେଷରେ ଉଦାହରଣ ଦେଉଥିଲେ ପାଠୁଆ ପିଲାଙ୍କ କଥା। ଗୋଟେ ମହତ୍ତର ଜୀବନ ଜିଇଁବା ପାଇଁ ଏ ପ୍ରେରଣାର ପଟାନ୍ତର ନାହିଁ।

ଅପାଠୁଆ ମଣିଷର ପାଠୁଆ ପିଲାଙ୍କ ପାଇଁ ଆନ୍ତରିକତା କିଛି କମ୍ ନଥିଲା ସେ ସମୟରେ। ଶ୍ରଦ୍ଧା ଭାବର ଊଣା ନଥିଲା। ଆମ ଗାଆଁର ସାମଲ ସାହିର ସାମଲ ପରିବାର କଥା ମନେ ପଡ଼ିଯାଏ। ହରିଶଙ୍କରପୁର ସ୍କୁଲରୁ ନଈର ଦଣ୍ଡା ହିଡ଼ରେ ଫେରିବା ବେଳେ ଡୁମା ସାମଲ, ବାବୁ ସାମଲ ବାଟରୁ ଡାକି ତାଳ ସଜ ଦିଅନ୍ତି ଆମ ଘରକୁ କିଛି ପଠାନ୍ତି।

ବର୍ଷାଦିନେ ମୁଲିଆ ପାଇଁ ଦର୍କାର ପଖିଆ। ପଖିଆ ଆଣି ଘରେ ଦେଇଯାନ୍ତି। ବର୍ଷା ନୁହୁକିରେ ପଖିଆଟିଏ ଘୋଡ଼ି ହେଇ ଜଣେ ଚାଲି ଯାଉଥିଲା ବର୍ଷା ବେଳେ। ସେ ଦୃଶ୍ୟ ଆଜି ନାହିଁ। ବଦଳି ଯାଉଛି ସେ ପରିବେଶ।

ଆମ ଘରର ମୁଲିଆ ପୁଅର ପେଟକୁ ଚିହ୍ନିଥିଲେ ମୋ ବାପା ମା’। ବଳଦକୁ ଗୁହାଳରୁ ଫିଟେଇ ବଳଦ କିଛି ଖାଇଚି କି ନାହିଁ, ପଚାରି ଲଙ୍ଗଳ, ମଇଧରି ବିଲକୁ ବାହାରି ଯାଉଥିଲା ମୁଲିଆ ପୁଅ। ଲାଗୁଥିଲା ସେ ଯେମିତି ଏ ଘରର ସଦସ୍ୟଟିଏ ପରି। ଗୋଟେ ସାରିଆନା କିଆରି ହେତା ଆକାରରେ ନେଉଥିଲା. ନିଜେ ଚାଷ କରି ଚଳିବା ପାଇଁ। ମୁଲ ମଜୁରିବାଦ୍ ଏ ମାନ୍ୟତା ଥିଲା ପ୍ରୋତ୍ସାହନ ଆକାରରେ। ସେତେବେଳେ ନିୟତକୁ ପ୍ରତିଟି କ୍ଷେତ୍ରରେ ଚାହୁଁଥିଲେ। ଧର୍ମ ଅଧର୍ମର ବିଚାର ଥିଲା ଏସବୁର ମୂଳ ମଞ୍ଜି। ମନ ଜାଣି ବର୍ଷୁଥିଲେ ଇନ୍ଦ୍ର ଦେବତା। ପୁନେଇଁ ପର୍ବରେ ମୁଲିଆ ପୁଅକୁ ଆଗ ଡାକରା। ଘରୁ ପିଠାପଣା ଖୁଆଇ ଘରକୁ ମା ପଠଉଥିଲେ କିଛି ତାଙ୍କ ପିଲା ଛୁଆଙ୍କ ପାଇଁ।

ବିପଦ ଆପଦ ସବୁଠି ଅଛି। ଗୋଟେ ଦୁଃଖଦ ଘଟଣା ମୋର ମନେ ପଡୁଛି। ମୁଁ ହରିଶଙ୍କରପୁର ସ୍କୁଲରେ ପଢ଼ିବା ବେଳେ ବିଲରେ ସର୍ପାଘାତରେ ଆମ ବଳଦ ଟଳି ପଡ଼ିଥିଲା । ମା ମୋ ସାନ ଭଉଣୀ ପାଖରେ କାନ୍ଦୁଥାଏ ଘର ଭିତରେ। ଖବର ପାଇ ସାଇ ପଡ଼ିଶା ଆସି ବୋଧ ଦେଉଥିଲେ ମାଆକୁ। ବାପା ବଳଦଟିର ସଂସ୍କାର ସାରି ମୁଲିଆ ସାଥିରେ ଫେରିଲେ ବିଲରୁ। ସେଦିନ ଘରେ ଆମର ଅରନ୍ଧା, ଅବଢ଼ା। ଆମ ପୁରୋହିତ ପ୍ରସନ୍ନ ଶତପଥି ଘରୁ ମୋତେ ଡାକି ନେଇ ଖାଇବାକୁ ଦେଲେ। ସେ ସ୍ମୃତି ମୋ ଭିତରେ ଏବେ ବି ଜୀବନ୍ତ ରହିଛି। ମା ଆଖିରୁ ଶୁଖୁ ନଥାଏ ଲୁହ। ବାହାରେ ସେମିତି ଥୁଆ ହୋଇ ରହିଥିଲା ପେଜ ତୋରାଣିର ମାଢ଼ିଆ।

ପିଲାଦିନେ ବିଲକୁ ଯାଇ ସାଙ୍ଗ ସାଥିଙ୍କ ମେଳରେ ମୁଗ ଛୁଇଁ ତୋଳି ଖାଇବାର ଦିନ କାହିଁ କେତେ ପଛରେ ପଡ଼ିଛି। ଆମ୍ବତୋଟାରେ ଆମ୍ବ ପିଜୁଳି, କେନ୍ଦୁ, ବରକୋଳି ଖାଇବାର ଆନନ୍ଦ ଫିକା ପଡ଼ିଯାଇଛି। ବର୍ଷା ଦିନେ ଘୋଟି ଆସୁଥିବା କଳା ବାଦଲକୁ ନିରେଖି ଚାହିଁ କଣ କେତେ କଳ୍ପନା କରିଛି। ଚିର ରହସ୍ୟମୟ ଏହି ମାଟି, ଏ ଅନ୍ତରକୁ ଯେତିକି ଭେଦେଇଛି ଅବିକଳ ସେମିତି କବିତ୍ୱକୁ ଉଚ୍ଚକିତ କରିଛି।

**ଅବସରପ୍ରାପ୍ତ ପ୍ରାଧ୍ୟାପକ, ଝାଡ଼ପଟା, ଦୋଳସାହି, ଭଦ୍ରକ-୭୫୬୧୨୭**
**ମୋ- ୯୪୩୭୯୮୭୪୨୯**

ଅ ପେ ରା ଆ ଇ ଟ ମ୍


ଶ୍ରୀଗୋବିନ୍ଦ

# ସଂସ୍କୃତି ବିଭାଗ ନିରବ କାହିଁକି !

ଓଡ଼ିଆ ଯାତ୍ରା ଲଗାମଛଡ଼ା ବୋଲି ଜଣେ ବୁଦ୍ଧିଜୀବୀ କହିବା କଥାକୁ ନେଇ ଯଦି ଆଲୋଚନା କରିବା, ସେ କହିଥିବା କଥା କେତେକାଂଶରେ ଭୁଲ ନୁହେଁ ବୋଲି କହିହେବ। ଯେଉଁ ଯାତ୍ରା ନିଜର ସ୍ଥିତି ବଦଳାଇ ଅନେକଙ୍କୁ ଦାନାପାଣି ଦେବା ସହ ଆଖିଦୃଶିଆ ରୋଜଗାର କରିବାକୁ ବାଟ ଦେଖାଇଲା, ସେ ଯାତ୍ରାକୁ କେତେକ ମୁଷ୍ଟିମେୟ ଲୋକ ବରବାଦ କରିଦେବା ସହ ଓଡ଼ିଶାର କଳା-ସଂସ୍କୃତିକୁ ନଷ୍ଟ କରିଦେବାର ଷଡ଼ଯନ୍ତ୍ର ନିହାତି ଭାବରେ କଷ୍ଟଦାୟକ। ପାର୍ଟିର ମାଲିକ ଯେମିତି ବର୍ଷକୁ ମୋଟା ଅଙ୍କର ଅର୍ଥ ଆୟ କରନ୍ତି, କଳାକାରମାନେ ମଧ୍ୟ ସେମିତି ମୋଟା ଅଙ୍କର ଦରମା ନେଇ ଅଭିନୟ କରନ୍ତି। ଉଭୟ ମୁନାଫାରେ ରହିଥିବାବେଳେ ଓଡ଼ିଶାର କଳା-ସଂସ୍କୃତିକୁ ଏମିତି ଦଳିମକଚି ଦେବା କେତେଦୂର ଠିକ୍ ବୋଲି ବୁଦ୍ଧିଜୀବୀ ଜଣକ ମତପୋଷଣ କରିଛନ୍ତି। ତାଙ୍କ କହିବା କଥା ହେଲା, ଏତେ ଭଲ କଳାକାର ଓ ଏତେ ଭଲ ନାଟକ ଥାଇ ସୁଦ୍ଧା ପାର୍ଟି କଣ ଚାଲିପାରୁନି, ଅଶ୍ଳୀଳ ନୃତ୍ୟକୁ ପ୍ରାଧାନ୍ୟ ଦେଉଛନ୍ତି। ବିଗତଦିନ ମାନଙ୍କରେ ଏହି କଥାକୁ ନେଇ ଅନେକ ତୁମ୍ବିତୋଫାନ ଚାଲିଥିବାବେଳେ କଥା ଯାଇ ସଂସ୍କୃତି ବିଭାଗ ନିକଟରେ ପହଞ୍ଚିଥିଲା। ସମସ୍ତେ ଭାବିଥିଲେ, ଚଳିତବର୍ଷ ଯାତ୍ରା ସିଜିନରେ ବୋଧେ ଏଭଳି ତାମସା ଚାଲିବ ନାହିଁ। ମାତ୍ର କେତେକ ନିର୍ଦ୍ଦିଷ୍ଟ ବର୍ଷର ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରିବାକୁ ଅଶ୍ଳୀଳ ନୃତ୍ୟ ନାଚୁଥିବା ନର୍ତ୍ତକୀଙ୍କୁ ନେଇ ଯାତ୍ରା ପେଣ୍ଡାଲରେ ନୃତ୍ୟ ପରିବେଷଣ କରାଯାଉଛି। ପରୋକ୍ଷରେ ଯାତ୍ରା ପାର୍ଟି ମାଲିକମାନେ କହିବାକୁ ଚାହୁଁଛନ୍ତି, ଆଉ କେହି ନିଜ ପରିବାର ନେଇ ଯାତ୍ରା ଦେଖିବାକୁ ଆସନାହିଁ। ତାହାର କାରଣ ହେଲା, ଅଶ୍ଳୀଳ ନୃତ୍ୟ କରୁଥିବା ନର୍ତ୍ତକୀମାନେ ନାଚ କମ୍ ଦେହ ଅଧିକ ଦେଖାଇ ଯୁବକମାନଙ୍କୁ ଯେଭଳି ଭାବରେ ଆକୃଷ୍ଟ କରୁଛନ୍ତି, ନିଶ୍ଚିତ ଭାବରେ ଏଭଳି ଦୃଶ୍ୟ ନିଜ ପରିବାର ନେଇ ଜଣେ ଦେଖିପାରିବନାହିଁ। ଯଦି ଯାତ୍ରାରୁ ଏଭଳି ମହିଳା, ସଚେତନ ନାଗରିକ, ଶିକ୍ଷିତ ବ୍ୟକ୍ତିମାନେ ବାଦ୍ ପଡ଼ିବ, ଯାତ୍ରା ଇଣ୍ଡଷ୍ଟ୍ରୀ କଣ କେବଳ କେତେକ ଯୁବଗୋଷ୍ଠୀଙ୍କୁ ନେଇ ଚାଲିବ ? ଏଭଳି ଅନେକ ଅସମାହିତ ପ୍ରଶ୍ନ ରଖିଛନ୍ତି କିଛି ସଚେତନ ନାଗରିକ। ଯେଉଁ ନର୍ତ୍ତକୀମାନେ ମଞ୍ଚ ମଣ୍ଡନ କରୁଛନ୍ତି, ସେମାନେ କେବଳ ଉତ୍ତେଜକ କଥା କହି ନିଜର ଗୋପନ ଅଙ୍ଗ ପ୍ରଦର୍ଶନ କରିବା ଛଡ଼ା ଅନ୍ୟ କିଛି କରୁନାହାନ୍ତି ବୋଲି କେତେକ ଯାତ୍ରାପ୍ରେମୀ ଅଭିଯୋଗ ଆଣିଛନ୍ତି। ଯେଉଁ ନର୍ତ୍ତକୀମାନେ ଏଭଳି ନୃତ୍ୟ ପରିବେଷଣ କରୁଛନ୍ତି, ସେମାନେ ନିଜ ନିଜର ସୀମା ଉଲଙ୍ଘନ କରି ଯେଭଳି ଭାବରେ ଆଚରଣ କରୁଛନ୍ତି, କୌଣସି ଭଦ୍ରଲୋକ ଯାତ୍ରା ଦେଖିବା ପାଇଁ ମନ କରିବ ନାହିଁ। ଓଡ଼ିଶା ଭଳି ଏକ ସଂସ୍କୃତି ସମ୍ପନ୍ନ ରାଜ୍ୟରେ ନାରୀ କେବେ ଏବଳି ଆଚରଣ କରିବ ନାହିଁ କିମ୍ବା କୌଣସି ନାରୀ ଏଭଳି ଜୀବନ୍ତ ନଗ୍ନ ଦୃଶ୍ୟ ଦେଖିବାକୁ ଚାହିଁବ ନାହିଁ। ଫଳରେ ଯାତ୍ରା ଦେଖିବାର ଇଚ୍ଛାକୁ ସେମାନେ ଅବଦମିତ କରିଦେବେ ସିନା ଏଭଳି ସଂସ୍କୃତି ବିହୀନ ମନୋରଞ୍ଜନ କ୍ଷେତ୍ରକୁ ଯିବା ପାଇଁ ପସନ୍ଦ କରିବେ ନାହିଁ। ଏଥିପାଇଁ କମିଟି ହେଉ ଅବା ଯାତ୍ରା ପାର୍ଟି ମାଲିକ, ବେଳ ଥାଉ ସାବଧାନ ହୋଇଯିବା ଉଚିତ। ଅଶ୍ଳୀଳ ନୃତ୍ୟକୁ ମୋହରା କରି ଯଦି ବ୍ୟବସାୟ କରିବାକୁ ଚାହିଁବେ ଓଡ଼ିଶାବାସୀ କ୍ଷମା ଦେବେନାହିଁ। ଯାତ୍ରାକୁ ବାରଣ କରିବେ କିମ୍ବା ବୟକଟ୍ କରିବେ ବୋଲି ଆଉ ଜଣେ ଯାତ୍ରାପ୍ରେମୀ ମତ ଦେଇଛନ୍ତି। ସେ ଯାହା ହେଉ, ସଂସ୍କୃତି ବିଭାଗ କଡ଼ା ନିଷ୍ପତ୍ତି ନେବା ଦରକାର। ଯାତ୍ରା ନାଁରେ ଓଡ଼ିଶାର କଳା-ସଂସ୍କୃତିକୁ ନିଲାମ କରା ନଯାଉ। ସରକାର ଏକ ସ୍ୱତନ୍ତ୍ର କମିଟି ଗଠନ କରି, ଯେଉଁ ଯାତ୍ରା ମଞ୍ଚରେ ଏଭଳି ନୃତ୍ୟ ପରିବେଷଣ ହେଉଛି, ସେ ପାର୍ଟିକୁ ବ୍ୟାନ କିମ୍ବା ମୋଟା ଅଙ୍କର ଫାଇନ ବ୍ୟବସ୍ଥା କରନ୍ତୁ ବୋଲି ବୁଦ୍ଧିଜୀବୀ ଜଣକ ମତ ଦେଇଛନ୍ତି।

(ଏ ମତାମତ ଯାତ୍ରାପ୍ରେମୀଙ୍କର, ଆମର ଉପସ୍ଥାପାନ ମାତ୍ର)





ମେହେରିନ

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com